ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି




ଡା ଜ୍ୟୋତି ପ୍ରସାଦ ପଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଂପାଦିତ ଓ ପ୍ରକାଶିତ

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଦ୍ୱିତୀୟ ବର୍ଷ
ଦଶମ-ଏକାଦଶ ସଂଖ୍ୟା
Vol: 2 Issue: 9
November-December 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

# ଆହ୍ୱାନ

## ଏହି ସଂସ୍କରଣରେ ରହିଛି

ସଂପାଦକୀୟ ୨
ଚୋର ଧରାପଡିଛି ୩
ଜୀବନ-ଯାହା ଯେମିତି ୫
ବ୍ୟବସ୍ଥାବଦ୍ଧ ନିବେଶ ୬
ସାହାଯ୍ୟ କରନ୍ତୁ ୯
ଧର୍ମମାସ କାର୍ତ୍ତିକ ୧୦
ଏମିତି ବି ହୁଏ ୧୩
ବାଘ ମାତିଛି ୧୫
ଉତ୍ତରଦାୟୀ କିଏ ୧୯
ଆମ ଗାଁ ହାଲଚାଲ୍ ୨୩
ଶ୍ରୀ ମହାପ୍ରସାଦ ୨୮
ବିଶେଷ ସୂଚନା ୩୦

Contact Me Here
ଡା ଜ୍ୟୋତି ପ୍ରସାଦ ପଟନାୟକ
ଏମ୍ ବି ବି ଏସ୍, ଡି ଏମ୍ ସି ଏଚ୍

ବୀମା ନଗର, ଆମ୍ବପୁଆ ମେଇନ୍ ରୋଡ୍
ବ୍ରହ୍ମପୁର, ୭୬୦୦୧୦, ଓଡିଶା
ଫୋନ୍: ୦୬୮୦-୩୨୯୬୫୩୨
ମୋବାଇଲ୍: ୦୯୮୬୧୯୬୨୧୬୦
aahwaan@gmail.com

## ସଂପାଦକୀୟ



ପବିତ୍ର ଦଶହରା ପର୍ବର ଶେଷ ଓ କାର୍ତ୍ତିକ ମାସର ଆରମ୍ଭଭଳି ଏକ ଶୁଭଙ୍କର ମାସରେ ଆପଣଙ୍କ ସମ୍ମୁଖରେ ଉପସ୍ଥାପନ କରୁଛି, ନଭେମ୍ବର ମାସର 'ଆହ୍ୱାନ'। ପବିତ୍ର ପୂଜାପର୍ବାଣୀର ଶୁଭ ସମୟରେ ଉତ୍ସବମୁଖର ଉତ୍କଳର ଗଗନପବନକୁ ନତମସ୍ତକରେ ପ୍ରଣିପାତ କରୁଥିବା ନୀଳଆକାଶର ଛଟା, ପବନରେ ପ୍ରକଂପିତ ସଦ୍ୟ ଉଦ୍‌ଯାପିତ ଦୀପାବଳୀ ଅମାବାସ୍ୟାର ଘିଅଦୀପର ବାସନା। ସମସ୍ତ ଉତ୍କଳ ବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି, ଆହ୍ୱାନ। ଦୁଇବର୍ଷରେ ଉତ୍କଳୀୟ ପରଂପରା ଓ ମହନୀୟତାକୁ ଉତ୍କର୍ଷତାର ପରମ ସୀମାରେ ପହଞ୍ଚାଇବାର ପ୍ରୟାସ କରୁଥିବା ଆମର ଏହି ଛୋଟିଆ ପଦକ୍ଷେପ ଆହ୍ୱାନ।

ଚଳିତ ବର୍ଷ ଉତ୍ସବମୁଖର ଉତ୍କଳର ଭୂଇଁ ପୁଣିଥରେ ଭୟଙ୍କର ମହାବାତ୍ୟାର ଆଶଂକାରୁ ବର୍ତ୍ତିଯାଇଥିବା ବେଳେ, ସର୍ବୋପରି ଓଡିଶା ଆକାଶ ନିର୍ମଳ ରହିଥିବାରୁ ପୂଜାକୁ ମନଭରି ଉପଭୋଗ କରିଥିଲେ। ସଦ୍ୟ କାଳୀ ପୂଜାର ପଣ୍ଡାଲ୍ ସବୁ ସମଗ୍ର ଓଡିଶାର ବିଭିନ୍ନ ପୁରପଲ୍ଲୀରେ ଭକ୍ତ ଓ ଦର୍ଶକଙ୍କୁ ଆକର୍ଷିତ କରୁଥିବା ସମୟରେ, ଭାରତୀୟ ଅର୍ଥନୀତିର ଏକ ସୁଦୃଢ ସମୟ ସମସ୍ତଙ୍କ ମନରେ ଆଗାମୀ ଦିନରେ ଅଧିକରୁ ଅଧିକ ଉନ୍ନତି କରିବାର କାମ୍ୟକୁ ସୁଦୃଢ କରୁଛି। ବିଗତ ଏକ ମାସରେ ଭାରତୀୟ ଶେୟାର ବଜାରରେ ହୋଇଥିବା ଉତ୍‌ଥାନ ଓ ପତ୍ତନ

ଦ୍ୱିତୀୟ ବର୍ଷ
ଦଶମ-ଏକାଦଶ ସଂଖ୍ୟା
Vol: 2 Issue: 9
November-December 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
ଆହ୍ୱାନ

ଐତିହାସିକ। ୨୦,୦୦୦ ସୂଚକାଂକକୁ ପାର କରିସାରିବା ପରେ, ଭାରତୀୟ ନିବେଶକଙ୍କ ମନରେ ଉତ୍ସାହର ଧାରା ବହିଛି, ଅଧିକରୁ ଅଧିକ ଲୋକ ବର୍ତ୍ତମାନ ପାରଂପରିକ ବ୍ୟାଙ୍କ, ପୋଷ୍ଟାଲ୍ ଆଦି ସଂସ୍ଥାକୁ ଛାଡି ଶେୟାର୍ ବଜାରରେ ନିବେଶ କରିବାପାଇଁ ଆଗକୁ ଆସୁଛନ୍ତି। ଏହି ସମସ୍ତ ବିଷୟକୁ ଆହୁରି ପ୍ରାଞ୍ଜଳ ଭାବରେ ଉପସ୍ଥାପନ କରାଯାଇଛି ଚଳିତ ସଂସ୍କରଣରେ, ଏବଂ ଆଗାମୀ ଅନେକ ସଂସ୍କରଣରେ ଏହି ସବୁ ବିଷୟ ସମ୍ବଳିତ ଲେଖାମାନ ପ୍ରକାଶିତ କରାଯିବାର ସୁବ୍ୟବସ୍ଥା କରି ଦିଆଯାଇଛି।

ମୋର ବ୍ୟକ୍ତିଗତ କିଛି କାର୍ଯ୍ୟକ୍ରମ, ତଥା ମୋର ପରୀକ୍ଷା ଆଦିଥିବା ହେତୁ ଏହି ସଂସ୍କରଣ ବିଳମ୍ବରେ ପ୍ରକାଶିତ ହେଉଛି, ଏଥିରେ ଆମେ ଡିସେମ୍ବର ମାସର ସଂସ୍କରଣକୁ ସାମିଲ୍ କରିଛୁ। ଆମେ ୨୦୦୮ ଜାନୁୟାରୀରେ ପ୍ରକାଶିତ କରିବୁ ଏକ ବୃହତ କଳେବର ବିଶିଷ୍ଟ ଆହ୍ୱାନ ପତ୍ରିକା, ଯେଉଁଥିରେ ଥିବ ଅନେକ ଗଳ୍ପ, କବିତା ଆଉ ହାସ୍ୟ, ତଥା ଭ୍ରମଣ କାହାଣୀ ସମ୍ବଳିତ ଆପଣଙ୍କ ମନୋରଞ୍ଜନର ସମସ୍ତ ଖୁରାକ। ଏବଂ ଆଗାମୀ ସଂସ୍କରଣ ସହିତ ପାଇବେ ନିଃଶୁଳ୍କ ଓଡିଆ କ୍ୟାଲେଣ୍ଡର।

ଧନ୍ୟବାଦ

# ଚୋର ଧରାପଡିଛି

'ଚୋର ଚୋର' ଶବ୍ଦ ହେଲାକ୍ଷଣି, ସାହିର ସବୁଘରୁ ଦୁଇଚାରି ବାହାରି ପଡିଲେ, ଆଗରୁ ପଜେଇ ରଖିଥିବା ଠେଙ୍ଗାବାଡି ଧରି ବିଲମାଳରେ ଦଉଡିଲେ, ଅଦୂରରେ ରେଳ ଷ୍ଟେସନ୍‌ର ବତୀରେ ଆଗରେ ଧାଉଁଥିବା ତଥାକଥିତ ଚୋରର ଅପସରି ଯାଉଥିବା ଛବି ଦେଖା ଯାଉଥିଲା। ପାଖକୁ ପାଖକୁ ଦଉଡି ଯିବାପରେ ଚୌଧୁରୀଘର ବଡପୁଅ ଡେଇଁପଡି ଚୋରଟାକୁ ମାଡିବସିଲା। ତା'ପରେ ପରେ ଜଣେ ଉପରେ ଜଣେ ହୋଇ ସବୁ ତା'ଉପରେ ଲଦି ହୋଇପଡିଲେ। ମରିଗଲି ମରିଗଲି ବୋଲି ଚିତ୍କାର କରୁଥିବା ସତ୍ତ୍ୱେ ଲୋକମାନେ ଜଣକ ପରେ ଜଣେ ଉତ୍ତମମଧ୍ୟମ ଲଦିଦେଇଗଲେ। ମହାନ୍ତି ପୁଏ ଗାମୁଛାରେ ଚୋରର ମୁହଁ ବାନ୍ଧିଦେଇ ଉପରୁ ଉପରୁ ଏମିତି ସବୁ ବକ୍ସିଂ ଖେଳ ଦେଖାଇଲା ଯେ ସବୁଲୋକ ଆଁ କରି ଅନାଇ ରହିଲେ। ଏ ସବୁ ଗୋଳମାଳ ଭିତରେ ଦାଶପୁଅର ହାତଘଡି ହଜିଲାସିନା ହେଲେ ବିଶ୍ୱଯୁଦ୍ଧ ସାରି ଫେରିଲାଭଳି ଚୋରକୁ ବାନ୍ଧି ସମସ୍ତେ ସାହିକୁ ଫେରିଲେ। ରାଓବାବୁଙ୍କ ଘର ସାମନାରେ ଥିବା ପିଜୁଳୀ ଗଛରେ ଚୋରକୁ ବାନ୍ଧିଦିଆଗଲା। ସମୟ ବେଶୀ ହୋଇନି, ମାତ୍ର ସାଢେ ଦଶଟା ବାଜିଛି। କାହା କାହା ଘରୁ ଟିଭିରୁ ସିରିୟଲ୍‌ର ଗୀତ ଶୁଭୁଛି। ଦେଖୁ ଦେଖୁ ସବୁ ଆସି ଗହଳି ହୋଇଗଲେ। ଚର୍ଚ୍ଚାପଡିଲା ଚୋରର କଣ କରାଯିବ।

ରାଓବାବୁଙ୍କ ଚୋର ଉପରେ ଭାରୀ ରାଗ। କାରଣ ମାତ୍ର କେଇଦିନ ଆଗରୁ ହିଁ ସେ ତାଙ୍କ ବାଡିରୁ ପିତ୍ତଳର ସାମଗ୍ରୀ କେତେ ସବୁ ନେଇଯାଇଛି। ପଣ୍ଡାବାବୁଙ୍କ ବାଡିରେ ଥିବା ପ୍ଲାଷ୍ଟିକ୍ ବାଲତି ଆଉ ମଗ୍ ସମେତ ଅନେକ ସାମଗ୍ରୀ ବି ଏଇ ଚୋର ଚୋରୀ କରିଛି। କିଏ କହିଲା, ଆମର ଶାଢୀ ଚୋରୀ ହୋଇଛି, ଆମର ଚଡି ଚୋରୀ ହୋଇଛି, ଏମିତି ସବୁ ଚର୍ଚ୍ଚା ଚାଲୁଥିବା ବେଳେ ମୁହଁ ବନ୍ଧାହୋଇଥିବା ଚୋର ଚିଲ୍ଲେଇବାକୁ ଚେଷ୍ଟା କରୁଥିଲା, ହେଲେ ମହାନ୍ତି ପୁଏ ପୁଣି ଗୋଟିଏ ନକ୍ ଆଉଟ୍ ବକ୍ସିଂର କମାଲ ଦେଖାଇ ତା'କୁ ଚୁପ୍ କରାଇ

ଦ୍ୱିତୀୟ ବର୍ଷ
ଦଶମ-ଏକାଦଶ ସଂଖ୍ୟା
Vol: 2 Issue: 9
November-December 2007
ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
ଆହ୍ୱାନ

ଦେଲେ। ସମସ୍ତେ ଏମିତି କଥା ହେଉଥିବା ସମୟରେ ପାତ୍ରୀବାବୁ କହିଲେ, ଆନୁମାନିକ କେତେ ଟଙ୍କା ଚୋରୀ ହୋଇଛି ହିସାବ କରାଯାଉ। ସେଇଠୁ ପାତ୍ରୀ ପୁଏ ବସିଲେ ଖାତାଧରି ହିସାବ କଲେ, ରାଓବାବୁଙ୍କ ପିତଳ ସାମଗ୍ରୀର ମୂଲ୍ୟାୟନ ହେଲା, ବର୍ତ୍ତମାନର ବଜାର ଦର ପଡିଲା, ସମସ୍ତ ସାମଗ୍ରୀର ମୂଲ୍ୟ ହେଲା ସାତଶହ ଟଙ୍କା, ପଣ୍ଡାବାବୁଙ୍କ ଅଶିଟଙ୍କା, ପାତ୍ରୀବାବୁଙ୍କ ଶହେଚାଳିଶି ଟଙ୍କା, ମହାନ୍ତିଏଙ୍କ ଦୁଇଶହ ଦଶ, ଏମିତି କାହାର କେତେ ହୋଇ ସର୍ବମୋଟ ତିନି ହଜାର ଚାରିଶ ତେୟାଳିଶି ଟଙ୍କା।

ପାତ୍ରୀବାବୁ କହିଲେ, ବର୍ତ୍ତମାନତ ସବୁ ଲିଷ୍ଟ ହୋଇଗଲା କାହାର କେତେ ଚୋରୀ ହୋଇଛି, ସର୍ବାଧିକ ରାଓବାବୁଙ୍କ ସାତ ଶହଟଙ୍କା ଯାଇଛି। ଚୋରକୁ ଯଦି ଆମେ ପୋଲିସରେ ଦେବା ପୋଲିସ ତା'ଠୁ ଟଙ୍କା ମାରିନେବ ଆମକୁ କାଣିଚାଏ ମିଳିବ ନାହିଁ। ତେଣୁ, ଆମେ ଚୋରକୁ ଧରି ତା'ଘରକୁ ଯିବା, ତା'ଠୁ ଯାହା ମିଳିବ ଖସେଇବା, ଆଉ ଯଦି ନ ଦେଲା, ତା'ହେଲେ ତା' ଘର ତ ଦେଖିଥିବା ପରେ ଯାଇ ଆଦାୟ କରିବା। ଏହି ସମୟରେ ସେହି ରାସ୍ତାରେ ଯାଉଥିବା ପୋଲିସ ଗାଡିକୁ ଦେଖି ଟୋକାଏ ତରବରରେ ଚୋରକୁ ଖଲାସ କରିଦେଇ ଘର ଭିତରକୁ ନେଇଗଲେ। ପୋଲିସ ବାବୁଏ ଗହଳି ଦେଖି କୁକୁର ଶୁଂଘିଲାଭଳି କଣ ଖବର ଅନ୍ତର ଜାଣିବାକୁ ସେଇଠି ଅଟକିଗଲେ। ଥାନାବାବୁଙ୍କ ଥନ୍ତଲପେଟ ଉପରେ ବୋତାମ୍ ଛିଣ୍ଡା ସାର୍ଟ ଦେଖିବା ପରେ ସବୁ ସାହିଭାଇ ନିଜ ନିଜ ଘରକୁ ଯିବାକୁ ବାହାରିଲେ। ଭାବିଲେ ଆମେ ଚାଲିଗଲେ ପୋଲିସ ଚାଲିଯିବ, ପରେ ପୁଣି ଫେରିଆସି ବିଚାରଣା କରିବା। ସମସ୍ତଙ୍କୁ ଯିବାର ଦେଖି ରାଓବାବୁ ପାତ୍ରୀବାବୁଙ୍କ କାନରେ ଫୁସଫୁସ ହୋଇ କହିଲେ, ଚୋରଟାକୁ ମୋ ଘରେ ଛାଡିଦେଇ ଚାଲିଗଲେ କେମିତି ହେବ। ମୋ ଘରେ ଝିଅ ଦି'ଟା ଅଛନ୍ତି, ଡରିବେ ଯଦି, ଆପଣ ନିଜ ଘରକୁ ନେଇଯାଆନ୍ତୁ।

ପାତ୍ରୀବାବୁ କହିଲେ, ଓହୋ। ଆପଣ ବୁଝୁନାହାନ୍ତି, ଯେମିତି ପୋଲିସ ଗାଡି ଯିବ ଆମେ ସମସ୍ତେ ପୁଣିଥରେ ଏଇଠିକୁ ଆସି ତା'କୁ ଗଛରେ ବାନ୍ଧି ବିଚାର କରିବା। ନହେଲେ ତୁମ ସାତଶହ ଗଲା ଜାଣ। ଅଗତ୍ୟା ରାଓବାବୁ ଚୁପ୍ ହୋଇଗଲେ।

ହେଲେ ସମସ୍ତଙ୍କୁ ଯିବାର ଦେଖି ରାଓବାବୁଙ୍କ ଧର୍ମପତ୍ନୀ ବିଚଳିତ ହୋଇପଡିଲେ, ରାଓବାବୁଙ୍କୁ ଘରଭିତରକୁ ଡାକି କହିଲେ, ଦେଖ ଯଦି ସବୁ ଚାଲିଯିବେ, କିନ୍ତୁ ଯଦି ପୋଲିସକୁ ଜଣାପଡିଲା ଯେ ଚୋରକୁ ଆମ ଘରେ ବନ୍ଧା ହୋଇ ରଖାହୋଇଛି, ବୋଇଲେ ଆମେ ଜେଲ୍ ଯିବା, ଆଉ ନହେଲେ ଯଦି ଚୋରକୁ କିଛି ହେଲା, ତା'ହେଲେ କିଏ ପିଠିରେ ପଡିବ। ସେଇଠୁ ରାଓବାବୁ ବାଉଳି ହେଲାଭଳିଆ 'ଚୋର ଚୋର' ବୋଲି ପାଟିକରି ଘରୁ ବାହାରକୁ ଦଉଡି ଆସିଲେ, ପୋଲିସିଆଏ ସେଇଠି ସେମିତି ଅଟକି ଥିଲେ, ଆଲ୍‌ସାସିଆନ୍ କୁକୁର ଭଳି ସବୁ କିଛି ସେମାନେ ଶୁଂଘି ଶୁଂଘି ଜାଣିପକାନ୍ତି ପରା, ଥାନାବାବୁ ଦି'ଟା କନ୍‌ଷ୍ଟେବଲ୍‌କୁ ଦଉଡାଇଲେ, ସେମାନେ ସାଙ୍ଗେ ସାଙ୍ଗେ ଚୋରକୁ ଧରି ବାହାରକୁ ଆଣିଲେ। କହିଲେ 'ସାର୍, ଚୋରଟା ଭାରୀ ବଳିଷ୍ଠ, ଭାରୀ କଷ୍ଟରେ ଆମେ ତା'କୁ ଧରିଲୁ।' ଥାନାଗାଡିରେ ପକାଇଲେ। ସେଇଠୁ ପାଞ୍ଚଜଣ ଭଦ୍ରବ୍ୟକ୍ତିଙ୍କୁ ଡାକି ଚୋର ଧରାପଡିଛି କହି କାଗଜରେ ଦସ୍ତଖତ କରାଇଲେ। କହିଲେ, ଚୋରକୁ ଧରାପକାଇବା ପାଇଁ ସମସ୍ତଙ୍କୁ ସମ୍ମାନିତ କରାଯିବ।

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଦ୍ୱିତୀୟ ବର୍ଷ
ଦଶମ-ଏକାଦଶ ସଂଖ୍ୟା
Vol: 2 Issue: 9
November-December 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
ଆହ୍ୱାନ

ହେଲେ ଆଗ ଥାନାକୁ ଯାଇ ରିପୋର୍ଟରେ ଦସ୍ତଖତ କରିବାକୁ ପଡିବ।

ସକାଳ ପର୍ଯ୍ୟନ୍ତ ସବୁକିଛି ଠିକ୍ଠାକ୍ ଚାଲିଲା। ସକାଳୁ ସକାଳୁ ସାହିରେ ପୁଣିଥରେ ପୋଲିସ ଗାଡି ଆସି ପହଞ୍ଚିଲା, ଆଉ ଦେଖୁ ଦେଖୁ ସବୁ ଘରୁ ଟୋକାଟାକଳିଆଙ୍କୁ ଉଠେଇ ନେଇ ଚାଲିଗଲା। କିଏ କିଛି ବୁଝିଲା ପୂର୍ବରୁ ଗାଡି ଧୂଳି ଉଡେଇ ଚାଲିଯାଇଥିଲା। ଥାନା ଆଗରେ ସାହିବାଲାଏ ଗହଳି ହୋଇଠିଆ ହୋଇଥିଲାବେଳେ ଥାନାବାବୁଙ୍କ ଦଫ୍ତରି ବାହାରକୁ ଆସି ଜଣ ଜଣକୁ ଭିତରକୁ ଡାକିନେଲା ଆଉ କିଛି ସମୟ ପରେ ସବୁ ଦଉଡୁଥିଲେ ନିଜ ନିଜ ଘରକୁ। ରାତିରେ ଧରାପଡିଥିବା ଚୋର ଜଣକୁ ଖୋଦ୍ ପାତ୍ରୀବାବୁଙ୍କ ପୁତୁରା ଥିଲା, ଯିଏ ସାହିରେ ରହି ପାଠପଢୁଥିଲା। ଆଉ ତା' ସହିତ ସମସ୍ତ ଚୋରୀରେ ହାତଥିବାର ପ୍ରମାଣ ସେ ପୋଲିସକୁ ଦେଇଥିଲା, ମହାନ୍ତି ପୁଅ, ଦାଶ ପୁଅ ଆଦିଙ୍କ ନାଆଁରେ। ଏବେ ସମସ୍ତଙ୍କୁ ଘରକୁ ଛାଡିବାପାଇଁ ଥାନାବାବୁ ଦଶ ଦଶ ହଜାର ଟଙ୍କା ଦାବୀ କରୁଥିଲେ। ମୁଣ୍ଡ ଅଣ୍ଡାଳି ଅଣ୍ଡାଳି ସମସ୍ତେ ପଇସା ଯୋଗାଡ କରୁଥିଲେ।

*ଆହ୍ୱାନ ପତ୍ରିକାକୁ ପ୍ରତ୍ୟେକ ମାସରେ ନିଃଶୁଳ୍କ ପ୍ରକାଶିତ କରିବା ପାଇଁ ଖର୍ଚ୍ଚ ହୁଏ ଅନେକ, ଏବଂ ସେହି ଖର୍ଚ୍ଚ ସବୁ ବର୍ତ୍ତମାନ ସୁଦ୍ଧା ମୁଁ କରିଆସୁଥିଲେ ବି, ଯଦି କୌଣସି ବ୍ୟକ୍ତି ବା ଅନୁଷ୍ଠାନ ଏହି ପତ୍ରିକାର ପ୍ରକାଶନର ଖର୍ଚ୍ଚ ବହନ କରିବାକୁ ଚାହିଁବେ ତାହେଲେ ତାହାକୁ ସ୍ୱାଗତ କରାଯିବ। ପ୍ରାୟ ଦୁଇ ହଜାର ଟଙ୍କା ସହିତ ଅଗଣିତ ଘଣ୍ଟାର ପ୍ରଚେଷ୍ଟାରେ ପ୍ରକାଶିତ ହୁଏ ଗୋଟିଏ ଆହ୍ୱାନ ପତ୍ରିକା। ଆସନ୍ତୁ ସାହାଯ୍ୟ କରନ୍ତୁ। ଏହି ପତ୍ରିକାକୁ ସମସ୍ତ ଓଡିଆ ପରିବାର ପାଖରେ ପହଞ୍ଚାଇବାର ମୋର ପ୍ରୟାସର ସାଥୀ ହୁଅନ୍ତୁ।*

# ଜୀବନ- ଯାହା ଯେମିତି

ଶ୍ରୀ ଚିତ୍ତରଞ୍ଜନ ପଣ୍ଡା, ଅଧ୍ୟାପକ

ନଚିକେତା ଏ ଥର ସହରକୁ ଜାବୁଡି ଧରିଛି ଗୋଟାପଣେ। ସହରର ଗୋଟିଏ ଆବେଦନକୁ ସେ ଭଲ ଭାବରେ ବୁଝିଛି- ସେଇଟା ହେଲା ସହରର ଏକ ଭିନ୍ନ ମାନସିକତା- ନିରାସକ୍ତଭାବ। ନଚିକେତାକୁ ସେ ଜିନିଷଟା କିନ୍ତୁ ବେଳେ ବେଳେ ଭଲ ଲାଗେ।

ପ୍ରଥମ ଦିନ ସହରକୁ ଆସିଲା ବେଳେ ତା'ର ଜେଜେବାପା କହିଥିବା କଥା ମନେପକାଇ ଖୁବ୍ ହସିଥିଲା। ଜେଜେବାପା କହିଥିଲେ, ବୁଝିଲୁ, ସହରକୁ ଯିବା କ୍ଷଣି ରେଲ୍ୱେ ଷ୍ଟେସନ୍ରେ ଓହ୍ଲାଇବା କ୍ଷଣି ହାତଟା ଜୋରରେ ଟିକେ ଟାଣିଦେବୁ ଆକାଶକୁ, ମୋଟେ ଡରିବୁନି। ଲଗେଜ୍ ଗୁଡାକ ଷ୍ଟେସନ୍ ଭିତରେ (କ୍ଲୋକ୍ ରୁମ୍) ରଖିଦେଇ ଅଟୋ ସହିତ ମୂଲଚାଲ କରିବୁ, କାହା ଉଚିତ ଅଯଥା କଥା ଲମ୍ବେଇବୁ ନାହିଁ। ବୋକା ଭଳି ଚାଲିବୁ ନାହିଁ, ରାସ୍ତା କଡେ ଲାଗିଥିବା ପୋଷ୍ଟର୍ ଗୁଡାକୁ ବେଶୀ ସମୟ ଦେଖିବୁ ନାହିଁ, ଇତ୍ୟାଦି ଅନେକ କିଛି। ପୁରା ଗ୍ରନ୍ଥ ମନେ ରଖିଛି ନଚିକେତା। ସେ ଥର ସେ ଓହ୍ଲାଇ ଠିକ୍ ସେମିତି କରିଥିଲା, ନିଜକୁ ପକ୍କା ସହରୀ ବୋଲି ପ୍ରତିପାଦିତ କରିବାବେଳେ ଯେ ମନକୁ କଷ୍ଟ ହୋଇନଥିଲା ତା'ନୁହେଁ, ବହୁତ କଷ୍ଟ ହୋଇଛି। ଯେମିତି ଏକ ଅଦୃଶ୍ୟ ଅଫିସ୍ର ଧରାବନ୍ଧା ନୀତିନିୟମ ଓ

ଦ୍ୱିତୀୟ ବର୍ଷ
ଦଶମ-ଏକାଦଶ ସଂଖ୍ୟା
Vol: 2 Issue: 9
November-December 2007
ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
ଆହ୍ବାନ

କାନୁନ୍‌ରେ ବାନ୍ଧି ହୋଇଯାଇଥିବା କର୍ମଚାରୀ ଭଳି ମାପିଚୁପି ହସ ହସିଛି ଓ ବୁଝିଶୁଝି ସଂପର୍କର ସୂତ୍ରଟିକୁ ବଡେଇ ଦେଇଛି। କେତେବେଳେ କେମିତି ତା'ଭିତରେ ଗାଉଁଲି ସ୍ୱରୂପଟା ହଠାତ୍ ଲଂଫପ୍ରଦାନ କରୁଛି ତ ଆଉ କେତେବେଳେ ସେଇଟାକୁ ସେ ଜୋର୍ ଜବରଦସ୍ତି ଦବେଇ ଦେଇଛି।

ଆଜି ହଠାତ୍ ଏ ସବୁ ମନେ ପଡିଲାବେଳେ ତାକୁ କେମିତି କେମିତି ଲାଗିଲା। ସେ ଠିକ୍ କଲାଟିକେ ବାହାରକୁ ଯିବ, ସହର ଜୀବନରେ ପ୍ରାତ: ଭ୍ରମଣଟା କୁଆଡେ ବହୁତ ଜରୁରୀ। ଗାଁ ଗହଳିର ଲୋକମାନେ ତ ପ୍ରାତ:ଭ୍ରମଣରେ ଯିବାର ଆବଶ୍ୟକତା ଅନୁଭବ କରିବେ ନାହିଁ କେବେ। ଶ୍ରମ ସେମାନଙ୍କର ଏକ ନିତିଦିନିଆ ପରିଚୟ। ଶ୍ରମବିନା ସେମାନଙ୍କ ଅବସ୍ଥିତି ଶୂନ୍ୟ।

ହଠାତ୍ କାହା ଶବ୍ଦରେ ସେ ଚମକି ପଡିଲା, ମିଶ୍ରବାବୁ ଅବସରପ୍ରାପ୍ତ ଜିଲ୍ଲାପାଳ। ଦିନଥିଲା ଲୋକେ ଖାତିର କରୁଥିଲେ ଆଜିକାଲି ତାଙ୍କର ଜୋର ନାହିଁ। ସବୁବେଳେ କହନ୍ତି ଏ ଆପଣା ସହରଟା ବୋଲ ମାନୁନି। ଆଉ କାହାକୁ କହିଲେ କଣ ହେବ। ସବୁବେଳେ କହନ୍ତି ସହରୀ ଜୀବନରେ ସଭ୍ୟତାର ଆଲୁଅ ଅଛି। ହାତ ପାହାନ୍ତାରେ ଏକ କୃତ୍ରିମ ସ୍ୱର୍ଗର ଚାବିକାଠି, ଶିକ୍ଷା, ସ୍ୱାସ୍ଥ୍ୟ, ମନୋରଞ୍ଜନର ସୁବିଧା ହୁଁ କଲେ ଅଜାଡି ପଡିବ। ଗାଁରେ କଣ ଅଛି। ମଶାମାଛି ଭିତରେ ଯେମିତି ଗାଁ'ଟା ପାଲଟି ଯାଉଛି ଏକ ପଚାସଢା ଶବ। ଗାନ୍ଧିଜୀ କହିଲେ ଭାରତ ଗାଁ ଭିତରେ ବଞ୍ଚିଛି। ହେଲେ ଚାଲ ଦେଖିବ ଗାଁରେ ସଭ୍ୟତା ମୃତପ୍ରାୟ।

ମିଶ୍ରବାବୁ ଅପାଲି ତାଙ୍କ ଆଗକୁ ଆସି କହିଲେ ବୁଝିଲ ନଚିକେତା ବାବୁ, ମୁଁ ଏକ ଫାର୍ମହାଉସ୍ ଗଢିବାକୁ ଚାହୁଁଛି। ଏହି ପାଖ ଗାଁରେ। ଯେଉଁଠି ଏ ମାଡି ପଡୁଥିବା ଭିଡ ଭିତରୁ ଟିକେ ଶାନ୍ତି ପାଇବାକୁ ରାହା ମିଳିବ। ବଞ୍ଚିବାକୁ ଟିକେ ସାହା ମିଳିଯିବ।

ନଚିକେତା ତାଙ୍କୁ ନିବିଷ୍ଟ ଚିତ୍ତରେ ଦେଖୁଥିଲା, ତା'ର ମନେ ହେଉଥିଲା, ସେ ଗାଁର ଆତ୍ମାଟା କେଉଁ କୋଣରେ ରହି କେତେବେଳେ ଯେ କଡ ଲେଉଟାଇଲାଣି ସେ କଥା ବି ମିଶ୍ରବାବୁ ଜାଣିନାହାନ୍ତି। ସ୍ମିତହସି ମୁଣ୍ଡ ଟୁଙ୍ଗାଇ ନଚିକେତା କହୁଥିଲା, 'ଭଲ କଥା'।

ରୋଲାଣ୍ଡ ଫାର୍ମାସୀ କଲେଜ୍, ବ୍ରହ୍ମପୁର

# ବ୍ୟବସ୍ଥାବଦ୍ଧ ନିବେଶ ଯୋଜନା

ଯାହା ଆପଣ ଜାଣିବାକୁ ଚାହିଁଥିଲେ।

ଆମେ ସମସ୍ତେ ପିଲାବେଳୁ ହିଁ ବାରମ୍ବାର ପଢିଆସିଛେ, 'ସଞ୍ଚୟ ଓ ମିତବ୍ୟୟତା ହିଁ ଆମକୁ ଜୀବନରେ ସବୁ ସୁଖ ଆଣିଦେବ।' ତଥାପି କେତେଜଣ ଏହି ବିଷୟ ପ୍ରତି ସଚେତନ ତାହା କହିବା ଅସମ୍ଭବ। ଅବଶ୍ୟ ବିଜ୍ଞାନର ପ୍ରଭାବରୁ ଆମେ ବିଭିନ୍ନ ବିଷୟବସ୍ତୁ ଆଦି ସଂପର୍କରେ ସବିଶେଷ ବିବରଣୀ ଜାଣି ପାରୁଛେ। ଇଣ୍ଟର୍‌ନେଟ୍ ବହୁଳ ବ୍ୟବହାର ଯୋଗୁଁ ଆଜି ଆମେ ବିଭିନ୍ନ ପ୍ରକାର ସଞ୍ଚୟ ଓ ବିନିବେଶ ଆଦି ବିଷୟରେ ଜାଣି ପାରୁଛେ, ତଥାପି ଅନେକ ଏହି ବିଷୟ ପ୍ରତି ଅନଭିଜ୍ଞ। ସେହି ସମସ୍ତ ବନ୍ଧୁଙ୍କ ପାଇଁ ଏହି ବିଶେଷ ଲେଖା ଉପସ୍ଥାପନ କରୁଛନ୍ତି, ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର।

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଦ୍ୱିତୀୟ ବର୍ଷ
ଦଶମ-ଏକାଦଶ ସଂଖ୍ୟା
Vol: 2 Issue: 9
November-December 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଆହ୍ବାନ

କଥାରେ ଅଛି, ଟୋପାଏ ଟୋପାଏ ଜଳ ମିଶି ସାଗର ହୋଇଥାଏ, ବେଶ୍ ଠିକ୍ ସେହିପରି ଟଙ୍କାଏ ଟଙ୍କାଏ ସଞ୍ଚୟ କରି ଆପଣ ସାଗରସମ ଅର୍ଥ ବଞ୍ଚେଇପାରିବେ। ସଞ୍ଚୟ ମାନେ ଅନେକ ଲୋକ ଭାବନ୍ତି, କୌଣସି ବ୍ୟାଙ୍କରେ ସଞ୍ଚୟ ଖାତା ଖୋଲିବା, କିମ୍ବା ଯଦି ହାତରେ ସାମାନ୍ୟ ଅଧିକ ଅର୍ଥ ଅଛି ତ ଫିକ୍ସିଡ୍ ଡିପୋଜିଟ୍ କରିବା, ପୋଷ୍ଟାଲ୍ ଖାତା, ଇତ୍ୟାଦି। ନିଶ୍ଚୟ ଭାବରେ ଚିରାଚରିତ ପ୍ରଥାରେ ଏହି ସବୁ ବ୍ୟବସ୍ଥା ରହିଆସିଛି। କିନ୍ତୁ ଆଧୁନିକ ଯୁଗରେ ଏହି ସବୁ ବ୍ୟବସ୍ଥା ବ୍ୟତୀତ ଆହୁରି ଅନେକ ଉପାୟ ରହିଛି, ଯାହା ଦ୍ୱାରା ଆପଣଙ୍କ କଷ୍ଟ ଅର୍ଜିତ ଅର୍ଥ ଅଳ୍ପ ସମୟରେ ବହୁଗୁଣ ବୃଦ୍ଧିପାଉଛି।

ଉପରୋକ୍ତ ସମସ୍ତ ବ୍ୟବସ୍ଥା ବ୍ୟତୀରେକ ସେୟାର ବଜାରରେ ପୁଞ୍ଜି ନିବେଶ କରିପାରିବେ, ଯେଉଁଥିରେ ଯଦିଓ କିଛି ରିସ୍କ ରହିଛି, କିନ୍ତୁ ତଥାପି ଏଥିରେ ଲାଭ ଅଧିକ ଥାଏ। ଏହା ବ୍ୟତୀତ ଯଦି ଆପଣ ଜଣେ ବେତନଭୋଗୀ ହୋଇଥାଆନ୍ତି, ତେବେ ଏକା ସାଙ୍ଗରେ ଅଧିକ ପରିମାଣର ଧନ ସଞ୍ଚୟ କରିବା ସମ୍ଭବ ହୋଇପାରିବ ନାହିଁ, ସେହି ମାନଙ୍କ ପାଇଁ ରହିଛି, ବ୍ୟବସ୍ଥାବଦ୍ଧ ନିବେଶ ଯୋଜନା।

***ନିମ୍ନରେ ଆମେ ଦେଖିବା ଏକ ଉଦାହରଣ;***

ମନେ କରନ୍ତୁ, ଦୁଇଜଣ ବନ୍ଧୁ ରାମ ଆଉ ଶ୍ୟାମଙ୍କ କଥା ନିଆଯାଉ। ରାମ ଜଣେ ସାଧାରଣ କିରାଣୀ ଆଉ ଶ୍ୟାମ ଜଣେ ଅଧ୍ୟାପକ। ରାମ ନିୟମିତ ଭାବରେ ପ୍ରତ୍ୟେକ ମାସରେ ଏକ ହଜାର ଲେଖାଏଁ ସଞ୍ଚୟ କରନ୍ତି। ଏବଂ ଏହି ସମସ୍ତ ଅର୍ଥ ସେ ଏକ ବ୍ୟାଙ୍କରେ ପୁନଃପୌନିକ ଜମାଖାତାରେ ରଖନ୍ତି। ଶ୍ୟାମ ଠିକ୍ ସେହିପରି ପ୍ରତ୍ୟେକ ମାସରେ ଏକ ହଜାର ଟଙ୍କା ଏକ ବ୍ୟବସ୍ଥାବଦ୍ଧ ନିବେଶ ଯୋଜନାରେ ରଖନ୍ତି। ଏକ ବର୍ଷପରେ ରାମ ନିଶ୍ଚିତ ଭାବରେ ୧୨ହଜାର ଟଙ୍କା ଏବଂ ଏହା ଉପରେ ସୁଧ ଆକାରରେ ୪ ରୁ ୮ ପ୍ରତିଶତ ପାଇବେ, ଯାହା ସର୍ବାଧିକ ୧୪ହଜାର ଟଙ୍କା ହୋଇପାରିବ। ଶ୍ୟାମ କିନ୍ତୁ ବର୍ଷ ଶେଷରେ ପାଇଲେ ୧୬ହଜାରରୁ ସାମାନ୍ୟ କିଛି ଅଧିକ ଟଙ୍କା। ଏହାର ରହସ୍ୟ କଣ?

ଏହାର ରହସ୍ୟ ହେଉଛି, ବ୍ୟବସ୍ଥାବଦ୍ଧ ନିବେଶ ଯୋଜନା। ଶ୍ୟାମ ଯଦିଓ ଅର୍ଥ ପାଇଁ ଚିନ୍ତିତ, ତଥାପି ସେ କିଛି ଦୁର ପର୍ଯ୍ୟନ୍ତ ରିସ୍କ ନେବାପାଇଁ ଭୟକରନ୍ତି ନାହିଁ, ତେଣୁ ସେ ନିଜ ଅର୍ଥ ଶେୟାର ବଜାରରେ ନିବେଶ କରନ୍ତି, କିନ୍ତୁ ଯେହେତୁ ସେ ଜଣେ ଅନଭିଜ୍ଞ ନିବେଶକ ତେଣୁ ସେ ସାହାଯ୍ୟ ନିଅନ୍ତି, ଏକ ସଂସ୍ଥାର ଯେ, ତା'ଙ୍କ ଅର୍ଥକୁ ପ୍ରତ୍ୟେକ ମାସରେ ଏକ ନିଶ୍ଚିତ ବ୍ୟବସାୟିକ ପ୍ରତିଷ୍ଠାନର ସେୟାର କିଣିବାରେ ଲଗାନ୍ତି। ବର୍ଷ ଶେଷରେ ସେ କିଣିଥିବା ସମସ୍ତ ଶେୟାରକୁ ମିଶାଇ ଦିଆଯାଏ, ଏବଂ ସେହି ସମୟରେ ସେହି ଶେୟାରର ଥିବା ବଜାରର ମୂଲ୍ୟ ସମ ଅର୍ଥ ତାଙ୍କୁ ଫେରାଇ ଦିଆଯାଏ। ଏହା କହିଦେବା ସହଜ, କିନ୍ତୁ ଏହା ହୁଏ କିପରି ଆସନ୍ତୁ ଦେଖିବା ଏକ ଉଦାହରଣ। (ନୂତନଭାବରେ ନିବେଶ କରିବାପାଇଁ ଇଚ୍ଛୁକ ବନ୍ଧୁମାନଙ୍କୁ ଏକ ଉପଦେଶ ନିଜେ ନିଜେ ନିବେଶ ନ କରି କୌଣସି ବ୍ୟବସାୟିକ ଓ ବିଜ୍ଞ କର୍ମଚାରୀଙ୍କ ସହାୟତା ନିଅନ୍ତୁ।)

ବ୍ୟବସ୍ଥାବଦ୍ଧ ନିବେଶ ଯୋଜନାରେ ଅର୍ଥ ଖଟାଇବା ପାଇଁ ବିଭିନ୍ନ ସଂସ୍ଥା ରହିଛି, ଯେଉଁମାନେ ନିଃଶୁଳ୍କ ଆପଣଙ୍କୁ ସମସ୍ତ ପ୍ରକାର ସହାୟତା କରିବେ, ଏବଂ ଏହାର ପ୍ରତିବଦଳରେ ସେମାନେ ଶେୟାର

ବିକାଉଥିବା କଂପାନୀ ମାନଙ୍କଠାରୁ ଅର୍ଥପାଇବେ। ତେଣୁ ଆପଣଙ୍କ ଅର୍ଥ ସବୁବେଳେ ସୁରକ୍ଷିତ। ଏମିତି ଅନେକ ସଂସ୍ଥା ଭିତରୁ ଗୋଟିଏ ସଂସ୍ଥାର ସଦସ୍ୟତା ନିଅନ୍ତୁ।

ସେହି କଂପାନୀର କର୍ମକର୍ତ୍ତା ଆପଣଙ୍କୁ ନିବେଶ କରିବା ସମୟରେ ସବୁଠାରୁ ଅଧିକ ଲାଭ ଦେଉଥିବା ଶେୟାର ବିଷୟରେ ଅବଗତ କରାଇଦେବେ। ଏହାପରେ ଏକ ନିଶ୍ଚିତ ରାଶି ଆପଣ ନିଜେ ଠିକ୍ କରି ସେହି ସଂସ୍ଥାକୁ ଦେଇପାରିବେ। ବ୍ୟବସ୍ଥାବଦ୍ଧ ନିବେଶ ଯୋଜନାରେ ଆପଣ ସର୍ବନିମ୍ନ ୬ହଜାର ଟଙ୍କା ନିବେଶ କରିବାକୁ ହେବ। ଏହା ଆପଣ ମାସିକ ୫ଶହ ହିସାବରେ ଏକ ବର୍ଷ କିମ୍ବା ଦ୍ୱିମାସିକ ଏକହଜାର, କିମ୍ବା ଏହିପରି କୌଣସି ଏକ ବ୍ୟବସ୍ଥାରେ ଦେଇ ପାରିବେ। ଏବଂ ସେହି ଅର୍ଥରେ ସଂସ୍ଥା ଆପଣଙ୍କୁ କିଣିଦେବ କୌଣସି ଏକ ସଂସ୍ଥାର ଶେୟାର, କିମ୍ବା ମ୍ୟୁଚୁଆଲ୍ ଫଣ୍ଡ୍। ବର୍ଷ ଶେଷରେ ଆପଣ କିଣିଥିବା ସମସ୍ତ ଶେୟାରକୁ ଏକାଠି କରିଦିଆଯାଇ, ସେହି ସମୟରେ ଥିବା ବଜାର ଦରରେ ଆପଣଙ୍କୁ ଅର୍ଥ ଫେରସ୍ତ ଦିଆଯାଏ।

ମନେକରନ୍ତୁ ଆପଣ ଏକ ହଜାର ହିସାବରେ ଛଅ ମାସ ନିବେଶ କଲେ;

| ମାସ | ବଜାର ଦର | ଶେୟାର ସଂଖ୍ୟା |
|---|---|---|
| ପ୍ରଥମ ମାସ | ୧୦ | ୧୦୦. ୦୦ |
| ଦ୍ୱିତୀୟ ମାସ | ୧୧ | ୯୦. ୯୦ |
| ତୃତୀୟ ମାସ | ୧୧. ୫୦ | ୮୬. ୯୫ |
| ଚତୁର୍ଥ ମାସ | ୧୨ | ୮୩. ୩୩ |
| ପଞ୍ଚମ ମାସ | ୧୨. ୫୦ | ୮୦. ୦୦ |
| ଷଷ୍ଠ ମାସ | ୧୨. ୫୦ | ୮୦. ୦୦ |
| ସଂପୂର୍ଣ୍ଣ | ୧୨. ୫୦ | ୫୨୧. ୧୮ |

ବର୍ତ୍ତମାନ ଆପଣ କରିଥିବା ଅର୍ଥର ନିବେଶର ଶେଷ ପରିଣାମ ହେଉଛି ଆପଣଙ୍କ ପାଖରେ ରହିଛି ୫୨୧ ୧୮ଟି ଶେୟାର ଏବଂ ପ୍ରତ୍ୟେକର ବର୍ତ୍ତମାନ ବଜାର ଦର ହେଉଛି ୧୨. ୫୦। ଏବେ ଆପଣ ଯଦି ସମସ୍ତ ଶେୟାର ବିକ୍ରୟ କରିଦିଅନ୍ତି (ସଂପୃକ୍ତ ସଂସ୍ଥା ଆପଣଙ୍କ ପାଇଁ ଏହା ନିଃଶୁଳ୍କ କରିଦେବେ) ତେବେ ପାଇବେ ୫୨୧.୧୮ଗୁଣନ ୧୨. ୫୦ ସମାନ ୬୫୧୪ ୭୫ ଟଙ୍କା.

ଅର୍ଥାତ ଆପଣ ଛଅମାସରେ ଛଅହଜାର ନିବେଶ କରି ପାଇଲେ ୫୧୫ଟଙ୍କାର ଲାଭ। ଅର୍ଥାତ ପ୍ରାୟ ୮ ୫୮ ପ୍ରତିଶତ। ଏହା ଯେକୌଣସି ବ୍ୟାଙ୍କ୍ କିମ୍ବା ପୋଷ୍ଟାଲ୍ ଡିପୋଜିଟ୍ ଠାରୁ ବହୁତ ଅଧିକ। ମନେ କରନ୍ତୁ ଆପଣ ମାସିକ ଏକ ହଜାର ସ୍ଥାନରେ ଅଧିକ ନିବେଶ କରିବେ ତା'ହେଲେ ଲାଭ ସେହି ପରିମାଣରେ ବଢିବ। ଏବଂ ଉପରୋକ୍ତ ଉଦାହରଣ ମାତ୍ର ଏକ ସାମାନ୍ୟ ଉଦାହରଣ ଏବଂ ପ୍ରକୃତ କ୍ଷେତ୍ରରେ ଶେୟାର ବଜାରର ଦର ଏହାଠାରୁ ଅଧିକ ବୃଦ୍ଧି ହୋଇଥାଏ। ଉପରେ ଦିଆଯାଇଥିବା ଉଦାହରଣ ମ୍ୟୁଚୁଆଲ୍ ଫଣ୍ଡ୍ କାରବାରର, କିନ୍ତୁ ଶେୟାର ବଜାରରେ ନିବେଶ କଲେ ଏହାଠାରୁ ବହୁତ ଅଧିକ ଲାଭ ମିଳିପାରିବ।

ବର୍ତ୍ତମାନ ବଜାରରେ ଯଦି ଆପଣ ବ୍ୟବସ୍ଥାବଦ୍ଧ ନିବେଶ କରିବାକୁ ଚାହୁଁଥାନ୍ତି, ତେବେ ନିମ୍ନରେ ଦିଆଯାଇଥିବା କିଛି ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ କରନ୍ତୁ ଆଉ ସବୁଠାରୁ ଅଧିକ ଲାଭପାଆନ୍ତୁ।

- Fidelity Mutual Fund
- Reliance Diversified Power sector Fund
- Sundaram BNP Paribas capex Fund

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଦ୍ୱିତୀୟ ବର୍ଷ
ଦଶମ-ଏକାଦଶ ସଂଖ୍ୟା
Vol: 2 Issue: 9
November-December 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଆହ୍ୱାନ

·ICICI Prudential Mutual Fund

ତା'ହେଲେ ଭାବୁଛନ୍ତି କଣ, ଆସନ୍ତୁ ଭବିଷ୍ୟପାଇଁ ସଞ୍ଚୟ କରିବା, ଏବଂ ବ୍ୟବସ୍ଥାବଦ୍ଧ ନିବେଶ ଯୋଜନାରେ ଅର୍ଥ ନିବେଶ କରିବା। ବ୍ୟବସ୍ଥାବଦ୍ଧ ନିବେଶ ଯୋଜନା ବିଷୟରେ ଅଧିକ ବିବରଣୀ ପାଇଁ ଆପଣ ମୋର ଅନ୍‌ଲାଇନ୍ ବ୍ଲଗ୍ କୁ ଯାଇ ଦିଆଯାଇଥିବା ସମସ୍ତ ବିବରଣୀ ପଢିପାରିବେ।

ଆପଣଙ୍କ ସମସ୍ତ ପ୍ରଶ୍ନର ଉତ୍ତର ପାଇଁ ଲେଖିକାଙ୍କୁ ଇ-ମେଲ୍ କରିପାରିବେ।

piyagold@gmail.com
http://piyagold.blogspot.com

## ସାହାଯ୍ୟ କରନ୍ତୁ

ଅକ୍ଟୋବର ୨୪ ତାରିଖ ସକାଳ ଥିଲା ଏକ ଅଭିଶପ୍ତ ସକାଳ। ଦକ୍ଷିଣ ଓଡିଶାର ପ୍ରମୁଖ ସହର ବ୍ରହ୍ମପୁରର ରେଳ ଷ୍ଟେସନ୍‌ରେ ହଠାତ୍ ଘଟିଯାଇଥିଲା ଏକ ଦୁର୍ଘଟଣା। ଯାହା କିଛି କ୍ଷଣପାଇଁ ସ୍ତବ୍ଧ କରିଦେଇଥିଲା ସମବେତ ଯାତ୍ରୀ ଓ ଅନ୍ୟ ଲୋକମାନଙ୍କୁ। ରେଳ ଷ୍ଟେସନ୍‌ରେ ଠିଆହୋଇଥିବା ଜନୈକା ଝିଅର ପିନ୍ଧାଲୁଗାକାନିଟି ହଠାତ୍ ଛନ୍ଦି ହୋଇଯାଇଥିଲା ଦୃତଗତିରେ ଆସୁଥିବା ହୀରାଖଣ୍ଡ ଏକ୍ସପ୍ରେସ୍ ଟ୍ରେନ୍‌ରେ ଏବଂ କିଛି ସମୟ ଭିତରେ ପ୍ଲାଟଫର୍ମଉପରେ ଭିଡି ହୋଇ ପଡି ଘୋଷାଡି ହୋଇଯିବା ପରେ ଅଦୃଶ୍ୟ ହୋଇଯାଇଥିଲା ଝିଅଟି। ଟ୍ରେନ୍ ଚାଲିଯିବାପରେ ମୂମୁର୍ଷୁ ଅବସ୍ଥାରେ ଉଦ୍ଧାର ହୋଇଥିଲା, ଝିଅଟି, ଗୋଟିଏ ହାତ ଓ ବାକ୍‌ଶକ୍ତି ହରାଇ। ତୁରନ୍ତ ସେଠାରୁ ବ୍ରହ୍ମପୁରସ୍ଥ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ହସ୍ପିଟାଲ୍‌କୁ ଅଣାଯାଇଥିଲା ଝିଅଟି। ଝିଅଟିର ପରିଚୟ ଅଜଣା ହୋଇଥିବାରୁ ତାହାର କେହି ଚିହ୍ନାପରିଚିତ ଲୋକ କିମ୍ବା ପିତାମାତା ଆସିବା ଆଶାରେ ସପ୍ତାହ ପର୍ଯ୍ୟନ୍ତ ଅପେକ୍ଷା କରିବା ସତ୍ତ୍ୱେ, କେହି ନ ଆସିବା ପରେ ବାଧ୍ୟ ହୋଇ ଅସ୍ତ୍ରୋପଚାର କରାଯାଇ ବାମ ହାତକୁ କାନ୍ଧଠାରୁ କାଟି ଦିଆଯାଇଥିଲା। ସଂପ୍ରତି ସେହି ଝିଅଟି ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟର ଅସ୍ଥିଶଲ୍ୟ ବିଭାଗର ୫୦୦ ନମ୍ବରର ଶଯ୍ୟାରେ ଚିକିତ୍ସାରତ।

ଝିଅଟି ମିଳିବାପରେ ଏବଂ ଏହି ଦୁର୍ଘଟଣା ଘଟିବାର ଅନେକ ସମୟ ପରେ ବି ଯେତେବେଳେ କେହି ବ୍ୟକ୍ତି ତା'କୁ ଆପଣାଇବାକୁ ଆସିଲେ ନାହିଁ ଏହି ଖବରକୁ ଓଡିଶାର ଅନେକ ପ୍ରତିଷ୍ଠିତ ଖବର କାଗଜ ଯଥା ସମ୍ବାଦ, ସମାଜ, ଧରିତ୍ରୀ ଓ ଅନୁପମ ଭାରତ ଆଦିରେ ଦିଆଯାଇଥିଲା। ଏବଂ ଏହା ସହିତ ବ୍ରହ୍ମପୁରର ଆଞ୍ଚଳିକ ସମ୍ବାଦ ଟିଭି ଚ୍ୟାନେଲ୍ ୟୁ ଟିଭିରେ ଦେଖାଇ ଦିଆଯାଇଥିଲା। ତଥାପି କେହି ତାହାକୁ ନିଜର ବୋଲି କହିବା ପାଇଁ ବର୍ତ୍ତମାନ ସୁଦ୍ଧା ଆଗକୁ ଆସିନାହାନ୍ତି। ଏହା ପରେ ପରେ ଝିଅଟିର ପରିଚୟ ପାଇବା ଆଶାରେ ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ ଖବର ଦିଆଗଲା ପରେ ବି କେହି ତାହାକୁ ଚିହ୍ନି ପାରିଲେ ନାହିଁ। ବର୍ତ୍ତମାନ ଝିଅଟିର ଗୋଟିଏ ହାତ ନାହିଁ, ଏବଂ ଟ୍ରେନ୍‌ରେ ଘୋଷାଡି ହୋଇଯିବା ଫଳରେ ମୁହଁରେ ବି ଅନେକ ସ୍ଥାନରେ ମାଡ ବାଜି ଫୁଲିଯାଇଛି, ଦୁଇ ଆଖି ଚାରିପାଖରେ ରକ୍ତ ଜମାଟ ବାନ୍ଧିହୋଇ କଳା ପଡିଯାଇଥିବାରୁ ତାହାକୁ ଚିହ୍ନିବା ସମ୍ଭବ ହେଉନାହିଁ। ବର୍ତ୍ତମାନ ସେ ଡାକ୍ତରଖାନାରୁ ବାହାରି ଯିବା ସମୟ ଆସିଗଲାଣି, ତେଣୁ ତାହାକୁ

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଦ୍ୱିତୀୟ ବର୍ଷ
ଦଶମ-ଏକାଦଶ ସଂଖ୍ୟା
Vol: 2 Issue: 9
November-December 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
ଆହ୍ୱାନ



ପୁନଃରୁତ୍‌ଥାନ ପାଇଁ ଏକ ସ୍ଥାନୀୟ ବାଳାଶ୍ରମରେ କଥାବାର୍ତ୍ତା କରାଯାଇଛି, କିନ୍ତୁ ଝିଅଟି ସହିତ ହୋଇଥିବା ଦୁଃଖଦ ଦୁର୍ଘଟଣା ପରେ ତାହାର ଚିକିତ୍ସାରେ ହୋଇଥିବା ଖର୍ଚ୍ଚ ଓ ତା'ର ଅନ୍ୟାନ୍ୟ ଖର୍ଚ୍ଚ ବହନ କରିଥିବା କିଛି ଯୁବବନ୍ଧୁ ବର୍ତ୍ତମାନ ଋଣଗ୍ରସ୍ତ ହୋଇପଡିଛନ୍ତି, ଏହା ସହିତ ଝିଅଟିର ଭବିଷ୍ୟପାଇଁ କିଛି ଅର୍ଥର ଯୋଗାଡ କରିବା ଯୋଜନା କରାଯାଉଛି। ଏହି ଦୁର୍ବଳ ମୁହୁର୍ତ୍ତରେ ସେହି ଅଭାଗିନୀ ଝିଅଟିକୁ ସାହାଯ୍ୟ ହେବାପାଇଁ ଆଗେଇ ଆସିଛନ୍ତି ଆହ୍ୱାନ ପତ୍ରିକାର ପ୍ରମୁଖ ପାଠକ ଡାକ୍ତର ଶ୍ରୀ ସହଦେବ ସ୍ୱାଇଁ, ଶ୍ରୀ ସନ୍ତୋଷ କୁମାର ଓ ଶ୍ରୀ ସୁଶିଲ୍ କୁମାର ଆଦି ଅନେକ ପାଠକ। ସେହିମାନଙ୍କର ଏହି ସହଯୋଗ ପାଇଁ ଆହ୍ୱାନ ପତ୍ରିକା ତରଫରୁ ମୁଁ ସେମାନଙ୍କୁ ଧନ୍ୟବାଦ ଦେଉଛି। ଆଗାମୀ ଦିନରେ ସେହି ଝିଅଟିର ସମସ୍ତ ଖର୍ଚ୍ଚ ବହନ କରିବାକୁ ଯୋଜନା କରୁଛୁ, ଏଥିପାଇଁ ଆପଣ ମାନଙ୍କ ସାହାଯ୍ୟ ଆମକୁ ନିଶ୍ଚୟ ସହାୟକ ହେବ ଏବଂ ଆମକୁ ଆଗକୁ ଯିବାକୁ, ସାହାଯ୍ୟ ହେବ।

*ସଦ୍ୟପ୍ରାପ୍ତ ଖବର: ଗଞ୍ଜାମ ଜିଲ୍ଲାପାଳ ଏହି ଝିଅଟିର ସମସ୍ତ ରକ୍ଷଣାବେକ୍ଷଣ ଖର୍ଚ୍ଚ ତୁଲାଇବାକୁ ଆଗେଇ ଆସିଛନ୍ତି।*

# ଧର୍ମ ମାସ କାର୍ତ୍ତିକ

ଶ୍ରୀ ନିର୍ମଳ ମିଶ୍ର

ଧର୍ମବଳରେ ଧରଣୀର ସ୍ଥିତି ସୁଦୃଢ, ସୁସ୍ଥ ତଥା ସୁଖପ୍ରଦ ହୋଇଥାଏ। ଧରାବକ୍ଷର ଶ୍ରେଷ୍ଠ ସୃଷ୍ଟି ମଣିଷର ଜୀବନ ଧର୍ମ ଅର୍ଜନ ଦ୍ୱାରା ସାର୍ଥକ ଏବଂ ପାପମୁକ୍ତ ହୋଇଥାଏ। ତେଣୁ ଯୁଗ ଯୁଗ ଧରି ଆମ ଚିନ୍ତା ଓ ଚେତନାରେ ଧର୍ମପ୍ରତି ସ୍ୱତନ୍ତ୍ର ଶ୍ରଦ୍ଧା ଓ ସମ୍ମାନ ରହି ଆସିଛି। ଏହି ଶ୍ରଦ୍ଧା ଓ ସମ୍ମାନ ଯୁକ୍ତ ଧର୍ମ ଅର୍ଜନ ପାଇଁ ପୂଣ୍ୟ ସଞ୍ଚୟ ପାଇଁ କାର୍ତ୍ତିକ ମାସର ସହାୟକ ଭୂମିକା ଦର୍ଶାଇବା ସହିତ ଏହି ମାସକୁ ଧର୍ମମାସ ରୂପରେ ଉପସ୍ଥାପନ କରିବା ଏହି ରଚନାର ଲକ୍ଷ୍ୟ ଅଟେ।

ସଂସାରରେ ଚାରିଗୋଟି ଧର୍ମର ମାର୍ଗ ଭଗବାନଙ୍କର ପ୍ରିୟ ମାର୍ଗ ଭାବରେ ବିବେଚିତ ହୋଇଥାଏ। ସେଗୁଡିକ ହେଲା ତୁଳସୀସେବା, ଏକାଦଶୀପାଳନ, ଦ୍ୱାରକାପୁରଗମନ ଓ କାର୍ତ୍ତିକମାସରେ କାର୍ତ୍ତିକ ବ୍ରତ ପାଳନ। ସ୍ୱୟଂ ଭଗବାନଙ୍କ ଦ୍ୱାରା ଗୃହୀତ ଏହି ମତକୁ 'କାର୍ତ୍ତିକେୟ ପୁରାଣ'ରେ ମହାଦେବ ଦାସ ଦର୍ଶାଇ ଲେଖିଛନ୍ତି -

ସଂସାରରେ ଚାରି ଧର୍ମସାର। ସେ ଯେ ଅତ୍ୟନ୍ତ ପ୍ରିୟ ମୋର।

*ବୃକ୍ଷଙ୍କ ମଧ୍ୟରେ ତୁଳସୀ। ତିଥିରେ ବ୍ରତ ଏକାଦଶୀ।*
*କ୍ଷେତ୍ରେ ଦ୍ୱାରକାପୁର ସ୍ଥାନ। ମାସେ କାର୍ତ୍ତିକ ବିଦ୍ୟମାନ।*
*କାର୍ତ୍ତିକ ବ୍ରତ ମନେଧରି। ଯେ ମୋତେ ସେବେ ମୂଳକରି।*
*ତାର ଦୁର୍ଗତି ଦୂରେ ଯାଇ। ଏକେ ସେ ଅନ୍ତେ ମୋତେ ପାଇ।*
*ଯେ ପୁଣ୍ୟଥାଇ ତାର ସଙ୍ଗେ। ପାପ ନ ରହେ ତାର ଅଙ୍ଗେ।*

କାର୍ତ୍ତିକ ମାସକୁ ଧର୍ମମାସ ରୂପେ ବିବେଚନା

କରିବାର ଅନ୍ୟଏକ କାରଣ ହେଉଛି, ଏହି ମାସରେ ପାଳିତ ହେଉଥିବା କାର୍ତ୍ତିକ ବ୍ରତ ଦ୍ୱାରା ବ୍ରତଚାରୀ ବ୍ରହ୍ମା, ବିଷ୍ଣୁ ଓ ସଦାଶିବଙ୍କୁ ସନ୍ତୁଷ୍ଟ କରାଯାଇପାରେ। ଏଣୁ ପୁରାଣରେ କୁହାଯାଇଛି-

*ବିଷ୍ଣୁର ଅତିଅନ୍ତ ପ୍ରୀତି। ଯହିଁ ପ୍ରସନ୍ନ ବେଦପତି।*
*ଶିବ ସହିତେ ଦିଗପାଳେ, ସନ୍ତୋଷ ଯେଉଁ ବ୍ରତ ଫଳେ।*
*ସକଳ ପାପ ଯହିଁ ହରି, ମୁକ୍ତି ଲଭନ୍ତି ନର ନାରୀ।*

କାର୍ତ୍ତିକ ମାସରେ ବ୍ରତଚାରୀ ପାଳନ କରୁଥିବା 'ହବିଷ୍ୟ'ର ମହିମା ମଧ୍ୟ ଅତୁଳନୀୟ। ବିଧିବିଧାନର ସହିତ ହବିଷ୍ୟପାଳନ କଲେ ମୁକ୍ତି ମିଳିଥାଏ। କାର୍ତ୍ତିକମାସରେ ଦୀପଦାନ ମାଧ୍ୟମରେ ବି ଧର୍ମ ଅର୍ଜିତ ହୋଇଥାଏ। ଏହି ମାସରେ ପ୍ରତିଦିନ ଦୀପଦାନ କରିବା ଦ୍ୱାରା, ଆକାଶଦୀପ ପ୍ରଜ୍ୱଳନ କରିବା ଦ୍ୱାରା ସପ୍ତଜନ୍ମର ପାପରାଶି ଦଗ୍ଧିଭୂତ ହୋଇଥାଏ। ନରନାରୀମାନେ କାର୍ତ୍ତିକମାସରେ ଦୀପଦାନ କରିବାଦ୍ୱାରା ପୁଣ୍ୟ ଅର୍ଜନ ସହ ଅନ୍ତ:କାଳରେ ବୈକୁଣ୍ଠରେ ସ୍ଥାନ ପାଇଥାଆନ୍ତି। 'କାର୍ତ୍ତିକେୟ ପୁରାଣ'ରେ ମହାଦେବ ଦାସ ଲେଖିଛନ୍ତି;

*ପାପ ନଥିଲେ ପୁଣ୍ୟ ବଢେ, ଅନ୍ତେ ଗରୁଡ ଧ୍ୱଜ ଚଢେ।*
*ଗୋବିନ୍ଦ ସଙ୍ଗେ ସଙ୍ଗ ହୋଇ, ବୈକୁଣ୍ଠ ଭୁବନକୁ ଯାଇ।*
*ଏ ମନ୍ତେ ଦୀପ ଦାନ ଫଳ, କାର୍ତ୍ତିକେ ଶୁଣ ମହୀପାଳ।*

କାର୍ତ୍ତିକ ବ୍ରତ ଆଚରଣ ପୂର୍ବକ ତୃଣଶଯ୍ୟାରେ ଶୟନ କରିବା ଦ୍ୱାରା ଶୟନକାରୀଙ୍କର ସମସ୍ତ ପାପ ପୁଣ୍ୟରୂପକ ଅଗ୍ନିରେ ଧ୍ୱଂସ ପାଇଯାଏ। କାର୍ତ୍ତିକ ବ୍ରତ ପାଳନ କରୁଥିବା ନରନାରୀମାନେ ଯମ ଦଣ୍ଡରୁ ମୁକ୍ତି ପାଇଥାଆନ୍ତି। ଏପରିକି କାର୍ତ୍ତିକ ବ୍ରତ ପାଳୁଥିବା ବ୍ରହ୍ମଚାରୀ ମାନଙ୍କ ସହିତ ଗୋଟିଏ ମାତ୍ର ଦିନ ଅତିବାହିତ କରିଥିବା ବ୍ୟକ୍ତି ମଧ୍ୟ ଯମଦଣ୍ଡରୁ ମୁକ୍ତି ପାଇବା କଥା 'କାର୍ତ୍ତିକେୟ ପୁରାଣ'ରେ ଉଲ୍ଲେଖ କରାଯାଇଛି। ଏହି ପୁରାଣରେ ନାରଦ ଯମଙ୍କୁ କହିଥିବା ଉକ୍ତି ବର୍ଣ୍ଣନା କରି ମହାଦେବ ଦାସ ଲେଖିଛନ୍ତି;

*ବିଶେଷ କାର୍ତ୍ତିକ କୃତର, ଦିନେହେଁ ଥିବ ଯେଉଁ ନର।*
*ତାର ନିକଟେ ତୋରଦୂତେ, ନଯିବେ ଆଉ କଦାଚିତେ।*

କାର୍ତ୍ତିକମାସ ଧର୍ମମାସ ରୂପେ ବିବେଚିତ ହେବାର ସବୁଠାରୁ ଶ୍ରେଷ୍ଠ କାରଣଟି ହେଉଛି, ଏହିମାସରେ ପାଳିତ କାର୍ତ୍ତିକ ବ୍ରତ ଭଗବାନ ଦାମୋଦରଙ୍କ ପ୍ରିୟବ୍ରତ ଅଟେ। ଭଗବାନ ଦାମୋଦର- ଭକ୍ତ ବତ୍ସଳ ଭାବରେ ଯେଭଳି ବିଖ୍ୟାତ ହୋଇଅଛନ୍ତି, କାର୍ତ୍ତିକ ମାସ ଭକ୍ତମାନଙ୍କ ପାଇଁ ସେହିଭଳି ବିଖ୍ୟାତ ମାସରୂପେ ବିବେଚିତ ହୋଇଛି। ଏହି ମର୍ମରେ 'ପଦ୍ମପୁରାଣ'ରେ କୁହାଯାଇଛି;

*ଯଥା ଦାମୋଦରୋଭକ୍ତ ବତ୍ସଲୋ ବିଦିତେ ଜନୈ:*
*ତସ୍ୟାୟଂ ତାଦୃଶୋମାସ: ସ୍ୱଳ୍ପମପ୍ୟୁରୁ କାରକ:।*

ଏଇଠି ଦାମୋଦରଙ୍କ ଭକ୍ତବତ୍ସଳ ଭାବ ସଂପର୍କରେ ସୂଚନା ଦେବାପାଇଁ ଭଗବାନ ଶ୍ରୀ କୃଷ୍ଣଙ୍କର ଦ୍ୱାପର ଯୁଗର ଲୀଳା ଅବତାରଣା କରୁଅଛି। ଦ୍ୱାପର ଯୁଗରେ ଶ୍ରୀ କୃଷ୍ଣ ଗୋପପୁରରେ ବାଲ୍ୟଲୀଳା କରୁଥିବା ବେଳେ ଏକଦା ମାତା ଯଶୋଦାଙ୍କର ଦୈନନ୍ଦିନ କର୍ମ ସଂପାଦନରେ ବାଧା ସୃଷ୍ଟିକଲେ ଏବଂ ଯଶୋଦା ବାଳଗୋପାଳଙ୍କୁ ଦଉଡିରେ ବାନ୍ଧି ନିଜ କର୍ମ ଶେଷ କରିବାପାଇଁ ସ୍ଥିର କଲେ। ମାତ୍ର ଦଉଡି ଆଣି ବାନ୍ଧିବା ବେଳେ ଯଶୋଦା ଆଣିବା ଦଉଡି ନିଅଣ୍ଟ ହେଲା। ଥରେ ନୁହେଁ, ବାରମ୍ବାର ଦଉଡି ଆଣିଲେ ମଧ୍ୟ ଶ୍ରୀକୃଷ୍ଣଙ୍କ ଅଣ୍ଟାରେ ବାନ୍ଧିବା ପାଇଁ ଦଉଡି ନିଅଣ୍ଟ ହେବାରୁ ଯଶୋଦା ହତାଶ ହୋଇପଡିଲେ। ଏତିକିବେଳେ ଯଶୋଦାଙ୍କୁ ଉପହାସକରି ଗୋପୀମାନେ କହିଲେ, 'ଦଉଡି ନାହିଁ ତୋ

ଭୂବନେ, ବାଳକ ବାନ୍ଧିବୁ କେସନେ।' ମାତା ଯଶୋଦାଙ୍କର ହତାଶ ତଥା ଉପହସିତ ଅବସ୍ଥା ଶ୍ରୀକୃଷ୍ଣଙ୍କୁ ବାଧିଲା। ପ୍ରଭୁ ଚିନ୍ତାକଲେ;

*ଭକତ ଜନେ ବଶ ମୁହିଁ, ତାର ରକ୍ଷଣେ ମୋର ଦେହୀ।*
*ମୁଁ ଯେ ସଂସାରେ ଅଛି ଛନ୍ଦି, ଭକତ ପାରେ ମୋତେ ବାନ୍ଧି।*

ଏଠାରେ ପ୍ରକାଶଯୋଗ୍ୟ ଯେ ଯଶୋଦା ଯୁଗଯୁଗର ଭକ୍ତ ଥିବାରୁ ଭଗବାନ ଶ୍ରୀ କୃଷ୍ଣଙ୍କର ମାତା ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ଭକ୍ତ ତଥା ମାତା ଯଶୋଦାଙ୍କର ପ୍ରତି କରୁଣା ଭାବ ପୋଷଣ ପୂର୍ବକ ଭଗବାନ ଶ୍ରୀ କୃଷ୍ଣ ମାତାଙ୍କ ହାତରେ ବନ୍ଧାହେଲେ। ଜଗନ୍ନାଥ ଦାସ ଭାଗବତରେ ଲେଖିଲେ;

*ଯଶୋଦାଶ୍ରମ ଦେଖି ହରି, ନିଜେ ବନ୍ଧନେ ମନ କରି।*
*ତକ୍ଷଣେ ଦଉଡି ଆଣିଲା, ରୋଷେ କୃଷ୍ଣଙ୍କୁ ବନ୍ଧୀକଲା।*
*ଯେପରି ତିନିପୁର ଛନ୍ଦି, ସଂସାରେ ହୋଇଅଛି ବନ୍ଦୀ।*
*ତାରେ ବାନ୍ଧିଲା ନନ୍ଦନାରୀ, ଦାସବତ୍ସଳ ନରହରି।*
*ଗୋପୀଙ୍କ ଯେତେ ଦୟାକଲେ, ବ୍ରହ୍ମାଶଙ୍କର ନପାଇଲେ।*

କେବଳ ଭକ୍ତହାତରେ, ଭକ୍ତିଭାବରେ, ଭକ୍ତପ୍ରତି ଦୟା ପ୍ରଦର୍ଶନ କରିବାପାଇଁ ଶ୍ରୀ କୃଷ୍ଣ ଦଉଡିରେ ବନ୍ଧାହେଲେ ଏବଂ ଶ୍ରୀ କୃଷ୍ଣଙ୍କର ଭକ୍ତବାନ୍ଧବ ଉପାଧି ସତ୍ୟ ବୋଲି ପ୍ରମାଣିତ ହେଲା। ଯଶୋଦାଙ୍କ ଦ୍ୱାରା ଦଉଡିରେ ବନ୍ଧାହୋଇ ଭଗବାନ ଶ୍ରୀ କୃଷ୍ଣ ଦାମୋଦର ଭାବରେ ପରିଚିତ ହୋଇଅଛନ୍ତି। କାର୍ତ୍ତିକ ବ୍ରତ ଦାମୋଦରଙ୍କର ପ୍ରିୟବ୍ରତ ଭାବରେ ପ୍ରତିଷ୍ଠା ଲାଭ କରିଅଛି। ଯେଉଁ ସଚେତନ ବ୍ୟକ୍ତି ଦାମୋଦରଙ୍କର ପ୍ରିୟ କାର୍ତ୍ତିକ ବ୍ରତ ଆଚରଣ କରେନାହିଁ, ସେହି ବ୍ୟକ୍ତି ସମସ୍ତ ପୁଣ୍ୟ ଅର୍ଜନରୁ ବଞ୍ଚିତ ହୋଇ ପଶୁପକ୍ଷୀ ଜନ୍ମ ଗ୍ରହଣ କରିଥାଏ। ଏଣୁ 'ସ୍କନ୍ଦ ପୁରାଣ'ରେ ବ୍ୟାସଦେବ କହିଛନ୍ତି;

*ଅବ୍ରତେନ କ୍ଷିପେଦ୍ ଯସ୍ତୁମାସଂ ଦାମୋଦର ପ୍ରିୟଂ*
*ତୀର୍ଯ୍ୟଗ୍‌ଯୋନି ମବାପ୍ନୋତି ସର୍ବଧର୍ମ ବହିଷ୍କୃତଃ।*

ମଥୁରା କ୍ଷେତ୍ରରେ କାର୍ତ୍ତିକ ମାସରେ ବ୍ରତ ଆଚରଣ ପୂର୍ବକ ପ୍ରଭୁ ଦାମୋଦରଙ୍କର ସେବାରେ ନିଜକୁ ନିୟୋଜିତ କରୁଥିବା ବ୍ରତଚାରୀ ଦୁର୍ଲ୍ଲଭ ଭକ୍ତି ଲାଭକରେ ଏବଂ ମୁକ୍ତି ପାଇଥାଏ। ଏଣୁ 'ପଦ୍ମପୁରାଣ'ରେ କୁହାଯାଇଛି;

*ସାର୍ତ୍ତ୍ୱଞ୍ଜସା ହରେର୍ଭକ୍ତି ର୍ଲଭ୍ୟତେ କାର୍ତ୍ତିକେ ନରୈଃ*
*ମଥୁରାୟାଂ ସକୃଦପି ଶ୍ରୀ ଦାମୋଦର ସେବନାତ୍।*

କାର୍ତ୍ତିକ ମାସରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ରତ୍ନ ସିଂହାସନରେ ଆଶ୍ୱିନ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ଶୁକ୍ଳ ଏକାଦଶୀ ପର୍ଯ୍ୟନ୍ତ ଏକ ମାସ ପାଇଁ 'ରାଧାଦାମୋଦର' ବେଶରେ ଭକ୍ତ ମାନଙ୍କୁ ଭକ୍ତି କୈବଲ୍ୟ ପ୍ରଦାନ କରିଥାଆନ୍ତି। ଧାର୍ମିକ, ପୌରାଣିକ, ତାତ୍ତ୍ୱିକ ଓ ସାତ୍ତ୍ୱିକ ଦୃଷ୍ଟିକୋଣରୁ ଚିନ୍ତାକଲେ କାର୍ତ୍ତିକ ମାସକୁ ଧର୍ମମାସ ରୂପରେ ସହଜରେ ଗ୍ରହଣ କରିହୁଏ ଏବଂ ମନତଳୁ ଆପେ ଆପେ ଉତୁରି ଆସେ-

*ଧରମ ମାସ ଏ କାର୍ତ୍ତିକ, ଅଟଇ ମୁକତି କାରକ।*

ପୋଖରିଆ ସାହି, ପୁରୀ।

**ପ୍ରତ୍ୟେକ ଓଡିଆ ଘରେ ଶୋଭାପାଏ ପାଞ୍ଜି ଓ ଓଡିଆ ବାର୍ଷିକ କ୍ୟାଲେଣ୍ଡର। ଆପଣଙ୍କ ସେହି ଇଛାକୁ ପୁରଣ କରିବାପାଇଁ ଆହ୍ୱାନ ପୁଣିଥରେ ଆଣିଦେଉଛି ୨୦୦୮ ମସିହାର ଓଡିଆ କ୍ୟାଲେଣ୍ଡର। ଏଥିରେ ବର୍ଷର ପ୍ରତ୍ୟେକ ଦିନର ହିସାବ ରହିବା ସହିତ, ସମସ୍ତ ପର୍ବପର୍ବାଣୀ ବିଷୟରେ ବିଶେଷ ସୂଚନା ଦିଆଯାଇଛି। ଯଦି ଆପଣଙ୍କୁ ଏହି କ୍ୟାଲେଣ୍ଡର ଦରକାର ଥାଏ, ତେବେ ଆଗାମୀ ମାସରେ ଆମ ୱେବ୍‌ସାଇଟ୍‌କୁ ଅବଶ୍ୟ ଆସନ୍ତୁ, ଏବଂ ନିଃଶୁଳ୍କ ଏହି କ୍ୟାଲେଣ୍ଡର ଡାଉନ୍‌ଲୋଡ କରନ୍ତୁ।**

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଦ୍ୱିତୀୟ ବର୍ଷ
ଦଶମ-ଏକାଦଶ ସଂଖ୍ୟା
Vol: 2 Issue: 9
November-December 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
ଆହ୍ୱାନ

# ଏମିତି ବି ହୁଏ

ଅଫିସ ବାରଣ୍ଡାରେ ଚକାମାରି ବସିଥିବା ଗୋଲକବିହାରୀଙ୍କୁ ଦେଖିବାପାଇଁ ସେଦିନ କୋର୍ଟ ପରିସରରେ ଖୁବ୍ ବେଶି ଭିଡ ଜମା ହୋଇଗଲା। ସକାଳୁ ସକାଳୁ ଗୋଲକବିହାରୀ ସ୍ନାନ ସାରିଦେଇ ନିତିଦିନପରି ଆଜି ମଧ୍ୟ ଠିକ୍ ସମୟରେ ଆସି ଅଫିସ୍‌ରେ ପହଞ୍ଚି ଯାଇଥିଲେ। ଅବଶ୍ୟ ଟିକେ ଆଗରୁ ଚାଲିଆସିଥିଲେ, କିନ୍ତୁ କରିବେ କଣ ଦିନେ ନୁହେଁ କି ଦି ଦିନ ନୁହେଁ କେତେ ବର୍ଷର ପୁରୁଣା ଅଭ୍ୟାସ ତ ଭୁଲ ହେବ କେମିତି? କିନ୍ତୁ ତାଙ୍କୁ ଦେଖିବାପାଇଁ ଏତେ ଭିଡ ହେବାର ରହସ୍ୟ ସେ ଜାଣିପାରିଲେ ନାହିଁ। ଦେଖୁ ଦେଖୁ କୋର୍ଟପରିସର ଗହଳି ହୋଇଆସିଲା। ଦଶଟା ବାଜିବା ବେଳକୁ କୋର୍ଟ ଆସୁଥିବା ସବୁ ଓକିଲ ଆଉ ମହକିଲ ଗୋଲକବିହାରୀ ସାମନାରେ ଠିଆ ହୋଇଥିଲେ। ନିର୍ବିକାର ଗୋଲକବିହାରୀ ସବୁଦିନପରି ଆଜି ବି ଅଧା ଆଖି ଖୋଲି ନିର୍ବାକ ବସିଥାଆନ୍ତି।

କିଛି ସମୟ ଅନ୍ତରୁ କିଛି ରିପୋର୍ଟର୍ କାଗଜ କଲମ ଆଉ କ୍ୟାମେରା ନେଇ ଗୋଲକବିହାରୀ ପାଖରେ ପହଞ୍ଚିଗଲେ। ଏହି ଭିଡ ଦୈନିକ କୋର୍ଟକୁ ଆସୁଥିବା ଭିଡଠାରୁ ଥିଲା ଅଲଗା, ଆକାରରେ ଆଉ ପ୍ରକାରରେ ମଧ୍ୟ। ଗୋଲକବିହାରୀ ନିଜର ଚିରାଚରିତ ଢଙ୍ଗରେ ଚକାପକାଇ ଧ୍ୟାନ ମୁଦ୍ରାରେ ବସିଥିବା ସମୟରେ ଜଣେ ସାମ୍ବାଦିକ ପ୍ରଶ୍ନକଲା, 'ଆପଣଙ୍କୁ କେବେ ଏଇ କଥା ଜଣାପଡିଲା ?' ଅନ୍ୟଜଣେ କହିଲା, 'ଏହି ଘଟଣା ଆଗରୁ କେବେ ହୋଇଥିଲା କି?' ପୁଣି ପ୍ରଶ୍ନ, 'ଆପଣ ନିଜକୁ ଏହାପାଇଁ କେମିତି ପ୍ରସ୍ତୁତ କଲେ?' ଗୋଲକବିହାରୀ ଭାରି ଚକିତ ହୋଇ ଏହି ସବୁ ପ୍ରଶ୍ନକୁ ଶୁଣୁଥାଆନ୍ତି, କିଛି ବାରି ହେଉନଥାଏ। ସେ ଖାଲି ବଲବଲ କରି ସମସ୍ତଙ୍କ ମୁହଁକୁ ଦେଖୁଥାଆନ୍ତି। ଏହି ସମୟରେ ଜଣେ ସାମ୍ବାଦିକ ପ୍ରଶ୍ନକଲା, 'ଆପଣ ଭବିଷ୍ୟ ଦେଖିପାରୁଛନ୍ତି, ଜାଣିବା ପରେ କେଉଁ ମନ୍ତ୍ରୀ ନେତା ଆପଣଙ୍କ ପାଖରେ ପହଞ୍ଚିଛନ୍ତି କିମ୍ବା ପହଞ୍ଚିବାର ଯୋଜନା କରୁଛନ୍ତି?' ଏତିକି ବେଳେ ଯାଇ କଥାଟା ବୁଝାପଡିଲା। ବୋଧହୁଏ କେହି ଚଗଲିଆ ଟୋକା କହିଦେଇଛି, ଯେ ସେ ଭବିଷ୍ୟ ଦେଖିପାରୁଛନ୍ତି ଏଣୁ ଏଠି ଏତେ ସବୁ ଭିଡ। ସେ ସାମାନ୍ୟ ହସିଦେଇ ପୁଣି ଧ୍ୟାନସ୍ଥ ହେଲାପରି ବସି ରହିଲେ। ସମ୍ବାଦିକ ମାନଙ୍କ ଘନ ଘନ ପ୍ରଶ୍ନକୁ ସେ ହସରେ ଉତ୍ତର ଦେଲାପରି ଜଣା ପଡୁଥିଲେ।

ଭିତର ମୁହଁ ଗୋଲକବିହାରୀଙ୍କ ଠାରୁ ବୁଲି କୋର୍ଟ ଆଡକୁ ହେବାର ଦେଖି ଅଳ୍ପ ସମୟରେ ଏତେ ପ୍ରଶଂସା ପାଇଥିବା ଗୋଲକବିହାରୀ ହଠାତ୍ କଣ କରିବେ ଭାବିନପାରି କହିଲେ, 'ଆଜି ଦିନ ଭାରି ଭଲ। କୁମ୍ଭ ରାଶିମାନେ ଧନ ପାଇବେ। ମୀନ ମାନେ ସମ୍ମାନ ପାଇବେ, ଆଉ କର୍କଟ ମାନଙ୍କୁ ଧକ୍କା ବାଜିବ।' ଗୋଲକ ମୁହଁରୁ ଏତିକି ଶୁଣି କୁମ୍ଭ ଆଉ ମୀନ ରାଶିବାଲା ଲୋକେ ସାଙ୍ଗେ ସାଙ୍ଗେ ଗୋଲକ ବାବାଙ୍କ ଜୟ କହି ଗଗନପବନ ପ୍ରକଂପିତ କରାଇଲେ, କେହି କେହି ଗୋଲକ ସାମନାରେ ଟଙ୍କା କିଛି କିଛି ବି ଦେଇଗଲେ। ଗୋଲକ ପାଇଁ ଏ ସବୁ ଥିଲା ନୂଆ। କିଛି କାମ ନ କରି ସେ ଏତେ ରୋଜଗାର କରିବା ନିଶ୍ଚୟଭାବରେ ଏକ ଅସମ୍ଭବ କଥା। ଦୈନିକ କୋର୍ଟକୁ ଆସୁଥିବା ଅସଂଖ୍ୟ ଲୋକଙ୍କ ଦଲିଲ ଲେଖି ଲେଖି ଯାହା ବି ପଇସା ପାଉଥିଲା, ଆଜି ମାତ୍ର କେଇ ମିନିଟ୍ ଭିତରେ ତା'ଠୁ ଅଧିକ ପଇସା ସେ ପାଇସାରିଥିଲା।

ଡା ଜ୍ୟୋତି ପ୍ରସାଦ ପଟନାୟକଙ୍କ ପ୍ରତ୍ୟକ୍ଷ୍ୟ ତତ୍ତ୍ୱାବଧାନରେ ସଂପାଦିତ ଓ ପ୍ରକାଶିତ

ଦ୍ୱିତୀୟ ବର୍ଷ
ଦଶମ-ଏକାଦଶ ସଂଖ୍ୟା
Vol: 2 Issue: 9
November-December 2007
ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
ଆହ୍ୱାନ

ଦଶଟା ବାଜି କୋର୍ଟ ଆରମ୍ଭ ହୋଇସାରିଥିଲା, ହେଲେ ଗୋଲକବିହାରୀ ସାମନାରେ ହୋଇଥିବା ଭିଡକୁ ସମ୍ଭାଳିବାକୁ ପୋଲିସ ଡାକରା ହେଲା। ସମସ୍ତଙ୍କ ମୁହଁରେ ପ୍ରଶ୍ନ। ଏତେ ପ୍ରଶ୍ନ ଜୀବନରେ କେବେ ଶୁଣିନଥିଲା ଗୋଲକବିହାରୀ। 'ମୁଁ କେସ୍ ଜିତିବି ନା ହାରିବି?' ଠୁ ଆରମ୍ଭ କରି 'ମୋ ବାହାଘରେ କେତେ ଯଉତୁକ ମିଳିବ?', 'ମୋତେ ଡାକ୍ତର ବର ମିଳିବ କି?', 'ମୁଁ ଏୟାର ହଷ୍ଟେସ୍ ହେବି କି?' ଆଦି ନାନା ରକମର ପ୍ରଶ୍ନବାଣରେ ଗୋଲକବିହାରୀ ଘାଇଲା ହେବାପୂର୍ବରୁ ଧ୍ୟାନ ଗଲା ଭଳି ଆଖି ମୁଦିଦେଇ ବସିଗଲା। କେଇ କ୍ଷଣଭିତରେ ପ୍ରଶ୍ନବର୍ଷା ବନ୍ଦ ହୋଇଗଲା ପରେ ନିରବରେ ଉଠି ଚାଲିଲା ଘରକୁ। ଭିଡ ତଥାପି ପିଛା ଛାଡୁନଥାନ୍ତି। ତେଣୁ ଗୋଟିଏ ଗଳିବାଟ ଦେଇ ସେ ଚାଲିଲା, କିଛି ବାଟ ଯାଇ ପଛକୁ ଫେରିଦେଖିଲା ଭିଡ ଫେରିଲେଣି। ଏଣୁ ଶାନ୍ତିରେ ନିଶ୍ୱାସଟିଏ ମାରିଦେଇ ଘର ମୁଖ ହେଲା। ଘର ପାଖ ହେଇଚି କି ନାହିଁ ପୁଣି ଭିଡ ସାମନାରେ ପଡିଗଲା। ନିଜ ଘର ଭିତରେ ପଶିବାକୁ ଆଜି ଭାରି କଷ୍ଟ ହେଉଥିଲା।

ସବୁଦିନଠାରୁ ଅଲଗା, ଆଜି ପ୍ରିୟତମା ପତ୍ନୀ ସ୍ୱାଗତ କରିବାକୁ ଦୁଆର ପାଖରେ ଠିଆ ହୋଇଥିଲେ। କଥାଟା ନିଶ୍ଚୟ ନିଆରା ହୋଇଥିବ। ନହେଲେ କେବେ ମୁହଁ ମୋଡି ନ ଚାହିଁବା ସ୍ତ୍ରୀଟା ଆଜି ଦୀପଚନ୍ଦନ ଧରି ଦୁଆର ମୁହଁରେ ଠିଆ ହୋଇଥାନ୍ତା କିଆଁ। ହେଲେ ବୁଝିବାକୁ ଆଉ ଡେରି ହେଲାନି ଯେତେବେଳେ ଥର ଥର କରି ଦଶବାର ଥର ତାକୁ ଧୂପଚନ୍ଦନ ଦିଆଯାଇ ପୂଜାକରାଗଲା, ସେ ପୁଣି ବିଭିନ୍ନ ଦିଗରୁ, କାରଣ ସବୁ ଆଡେ ସାମ୍ବାଦିକ କାମେରା ନେଇ ଠିଆ। ଭାରି ବିରକ୍ତ ଅନୁଭବ ହେଲା। ଗୋଲକବିହାରୀ ଅଣନିଃଶ୍ୱାସୀ ହୋଇପଡିଲେ। ସମସ୍ତଙ୍କୁ ଠେଲିପେଲି ଘର ଭିତରେ ପଶିଗଲେ। ନିଜ ବୈଠକଘରେ ପହଞ୍ଚି ସୋଫା ଉପରେ ବସିଗଲେ। ବଡ ଝିଅ ଗିଲାସେ ପଣା ଆଣି ଦେଲା, ତାକୁ ପିଇଦେବା ପରେ ଶୋଷ ଆଉଟିକେ ବଢିଗଲା। ସାଙ୍ଗେ ସାଙ୍ଗେ ପାଣି ଦି ଗିଲାସ ପିଇଦେଇ ସେ ଆଉଜି ବସିଲେ। କିଛି ସାମ୍ବାଦିକ ତଥାପି ଘର ଭିତରକୁ ଚାହିଁ ରହିଥିଲେ। ଏହି ଠେଲାପେଲା ଭିତରେ ଝରକା ସେ ପାଖରେ ଠିଆ ହୋଇଥିବା କେହି ଜଣେ ସାମ୍ବାଦିକ କୌଣସି ଏକ ମହିଳାଙ୍କୁ ଦୁର୍ବ୍ୟବହାର କରିବା ଶବ୍ଦ ଶୁଣାଗଲା।

କିଛି କ୍ଷଣ ଭିତରେ ଗୋଲକବିହାରୀଙ୍କ ଘର ଚାରିପାଖରେ ଆରମ୍ଭ ହୋଇଗଲା, ଗୋଟିଏ ରୀତିମତ ଯୁଦ୍ଧ। ଆଉ କିଏ କାହାକୁ ମାରୁଥିଲା ଦିଶୁନଥିଲା। ମାତ୍ର ଦଶ ମିନିଟ୍ ଭିତରେ ପୋଲିସ ଗାଡି ଆସି ପହଞ୍ଚିଗଲା। ପୋଲିସ୍ ବାବୁ ପ୍ରାଥମିକ ଇନ୍‌କ୍ୱାରୀ କରି ଜାଣିଲେ ଯେ ଏ ସବୁ କାଣ୍ଡ କାରଖାନା ପଛରେ ଅଛନ୍ତି ଗୋଲକବାବୁ। ସାଙ୍ଗେ ସାଙ୍ଗେ ଗୋଲକବାବୁଙ୍କୁ ଗିରଫ କରିବାକୁ ଆଦେଶ ଦିଆଗଲା। ଗୋଲକବାବୁ ଭୟଭୀତ ହୋଇଥିବା ସତ୍ତ୍ୱେ ନିଜଦ୍ୱାରା ପ୍ରାପ୍ତ ସଦ୍ୟ ଭବିଷ୍ୟବକ୍ତା ହେବାର ବଳକୁ ପ୍ରୟୋଗ କରିବାକୁ ଚେଷ୍ଟା କରି କହୁଥିଲେ, 'ଯାଅ ତୁମେ ବଡବାବୁଙ୍କୁ କହିଦିଅ, ଯଦି ମୋତେ ଧରିବେ ତାଙ୍କପାଇଁ କିଛି ଭଲ ହେବନି।' ଏହା ଶୁଣିବାପରେ ଜଣେ ପୋଲିସ୍ କନେଷ୍ଟବଳ ଦେଲା ଗୋଲକବାବୁଙ୍କୁ ଗୋଟିଏ ଧକ୍କା ସେ ମୁହଁ ମାଡି ଜମି ଉପରେ ପଡିଗଲେ। ହଠାତ୍ ଏତେ ଯୋର ମାଡରେ ପ୍ରକୃତି ଫେରିଲାପରି ସେ ମୁଣ୍ଡକୁ ହଲାଇ ଦେଖିଲେ ସେ କୋର୍ଟ ବାରଣ୍ଡା ସାମନାରେ ଚିତ୍ ହୋଇ ପଡିଛନ୍ତି। ପଛରୁ ଟାଇପିଷ୍ଟ କ୍ଲର୍କ ଜଣଙ୍କ ହସି ହସି କହୁଥିଲା, 'କ'ଣ ହେଲା ଗୋଲକବାବୁ, କୁଆଡେ

ଦ୍ୱିତୀୟ ବର୍ଷ
ଦଶମ-ଏକାଦଶ ସଂଖ୍ୟା
Vol: 2 Issue: 9
November-December 2007
ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
ଆହ୍ୱାନ

ଧ୍ୟାନ ଯାଇଥିଲେ। କେତେ କହୁଛି, ଆଗରୁ ଉଠନ୍ତୁ ବେଞ୍ଚକୁ ଠେଲି ଠେଲି ନେଉ ନେଉ ବାଜିଗଲା।'

ଗୋଲକ ବାବୁ ହାତରେ ଘଣ୍ଟା ଦେଖୁଥିଲେ, ଅପରାହ୍ନ ପାଞ୍ଚଟା ବାଜିସାରିଲାଣି। ଆଜି ମଧ୍ୟ ଅନ୍ୟ ଦିନପରି କିଛି ଆୟ଼ ନ କରି ସେ ପୁଣି ଘରକୁ ଫେରୁଥିଲେ।

## ବାଘ ମାତିଛି

ସମସ୍ତଙ୍କ ଆଖିରୁ ନିଦ ହଜିଯାଇଛି। ରାତି ପାହି ଆସିଲାଣି ଅଥଚ କେହି ଶୋଇନାହାନ୍ତି। ଦାଣ୍ଡ ପିଣ୍ଡାରେ ମୁକୁଳା ଦେହ ଉପରେ ଅଧା ଓଦା ଚାଦର ଖଣ୍ଡେ ଖଣ୍ଡେ ଦେଇ ସବୁ ଅନେଇ ବସିଛନ୍ତି ଗାଁ ସେ ମୁଣ୍ଡ ଆଡକୁ। କେହି ଜଣେ ସାହାସ କରି ଯେମିତି ଗାଁ ଦାଣ୍ଡରେ ଚାଲି ଚାଲି ସେ ଆଡକୁ ଯିବାକୁ ବାହାରିଲା, ଅନ୍ୟମାନେ ସବୁ ନିଦୁଆ ଆଖି ଖୋଲି ଚାହିଁରହିଲେ। ଧିରେ ଧିରେ ଦୁଇତିନିଜଣ ଉଠିଚାଲିଲେ। ଜଣପରେ ଜଣେ ଏମିତି ଅଧାଗାଁ ସେହି ଦିଗକୁ ଚାଲିବାକୁ ଆରମ୍ଭ କରିଛନ୍ତି, ହଠାତ୍ ତଳ ସାହିରୁ କିଏ ଜଣେ ଚିତ୍କାର କରି କହିଲା, 'ନେଇଗଲା, ମୋ ପିଲାଟାକୁ ନେଇଗଲା।' ସବୁ ଯୁଆନ୍ ବୁଢା ବୁଲିପଡି ତଳସାହି ଆଡକୁ ଦଉଡିବାକୁ ଲାଗିଲେ, ତଳସାହି ପଛରେ ନାଳ ହୁଡାରେ ଦୁତିଆ ଓଡିଆର ଦିବର୍ଷର ଝିଅର ଖଣ୍ଡିଆ ଖାବରା ଶବ ଦେଖି ଅଧାଲୋକ ଆଖି ବନ୍ଦ କରିଦେଲେ।

'ପୁଣି ଗୋଟିଏ ନିରୀହ ଜୀବନ ଯନ୍ତୁ ହାତରେ ବଳି ପଡିଲା। ବିଗତ କୋଡିଏ ଦିନରେ ଏହା ହେଉଛି ତୃତୀୟ ଘଟଣା। କେବଳ ଶିଶୁମାନଙ୍କ ଉପରେ ଆକ୍ରମଣ କରୁଥିବା ଏହି ଜନ୍ତୁ ଆସିଲା କେଉଁଠୁ, କେହି ଜାଣି ନାହାନ୍ତି।' ଏହି ନ୍ୟୁଜକୁ ଟିଭିରେ ଦେଖୁଥିବା ସମୟରେ ଶ୍ରୀମତି ପଣ୍ଡା କହିଲେ, 'ହଇହେ, ଇୟେ ପୁଣି କି ଚକ୍କର? କୋଉଠୁ ଆସିଲା ଏଇ ଜନ୍ତୁ। କାହିଁ ତୁମକୁ ତ ଯିବାକୁ ଅଡର ଆସିନି।' ଶ୍ରୀଯୁକ୍ତ ପଣ୍ଡା ହେଉଛନ୍ତି ଫରେଷ୍ଟ ରେଞ୍ଜର, ଜଙ୍ଗଲ ଜନ୍ତୁ ସୁରକ୍ଷା କରିବା କାମରେ ସର୍ବଦା ତତ୍ପର। ସଙ୍ଗେ ସଙ୍ଗେ ଉଚ୍ଚ ଅଧିକାରୀଙ୍କୁ ଫୋନ୍ କଲେ, ଏବଂ ଖବର ଦେଉ ଦେଉ ସେ କହିଲେ, 'ଏଇଟା ପୁରୁଣା ଖବର। ତୁମର କିଛି କରିବାର ନାହିଁ। ଉପରୁ ଫୋନ୍ ଆସିଲେ କହିଦେବି, ଯାଇ କି ଗୋଟେ ଏନ୍କ୍ୱାରୀ କରିଦେଇ ଚାଲି ଆସିବା।'

ଦିନକୁ ଦିନ ଅବସ୍ଥା ଖରାପ ହେଇ ଆସିଲା। ସହରତଳି ଏହି ଗାଁ ଦେଇ ଅସଂଖ୍ୟ ବସ୍ ଟ୍ରକ୍ ସବୁବେଳେ ଯାଉଥିବା ଓ ସର୍ବଦା ଚଳଚଞ୍ଚଳ ରହୁଥିବା ଏହି ଗାଁରେ ପୁଣି ମଣିଷକୁ ଆକ୍ରମଣ କଲା ଭଳିଆ ଜନ୍ତୁ କୋଉଠୁ ଆସିଲା, ଏହି ଚିନ୍ତାରେ ଦିନରାତି ଏକ କରିଦେଲେ ଗାଁ ବାଲାଏ। କିଏ କହିଲା, ଗଧିଆଟେ, କିଏ କହିଲା କଲରାପତରିଆଟେ, ଆଉ କିଏ କହିଲା ଭାଲୁଟାଏ। କିନ୍ତୁ କେହିବି ସଠିକ୍ ଖବର ଦେଇପାରିଲେ ନାହିଁ। ନିଜ ପିଲାକବିଲାଙ୍କୁ ଧରି କୁଡିଆ ଭିତରେ ବନ୍ଧାହୋଇ ରହିବା ଛଡା ଆଉ କିଛି ଉପାୟ ନଥିଲା, ଗାଁ ଲୋକଙ୍କ ପାଖରେ। ସଞ୍ଜ ହୋଇଗଲେ, ଗାଁ ନିର୍ଜନ ହୋଇଗଲା କିଛି ଯୁଆନ୍ ଟୋକା ମିଶି ଦଳ ଗଠନ କଲେ। ଆଉ ଗାଁରେ ପହରା ଦେଲେ। ଟିଭି ଚ୍ୟାନେଲ୍ ବାଲାଏ ଆସି ଠାଏଁ ଠାଏଁ କ୍ୟାମେରା ମାନ ଖଞ୍ଜିଦେଲେ, କାଳେ କୁଆଡେ ସେ ଜନ୍ତୁ ମିଳିଯିବ ବୋଲି ଭାବି। ହଠାତ୍ ଦିନେ ଜନ୍ତୁର ଛବି ଗୋଟିଏ ଟିଭି ଚ୍ୟାନେଲ୍କୁ ମିଳିଗଲା।

ରାଷ୍ଟ୍ରୀୟ ପ୍ରସାରଣରେ ବ୍ରେକିଂ ନ୍ୟୁଜ୍ କହି ବାରମ୍ବାର ସେହି ଜନ୍ତୁର ଛବି ଦେଖାଇବାରେ ବ୍ୟସ୍ତ

ଦ୍ୱିତୀୟ ବର୍ଷ
ଦଶମ-ଏକାଦଶ ସଂଖ୍ୟା
Vol: 2 Issue: 9
November-December 2007
ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ
ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
ଆହ୍ୱାନ

ହୋଇଗଲା ଟିଭି ଚ୍ୟାନେଲ୍। ଗାଁରେ ଯେତେବେଳେ ଖବର ପହଞ୍ଚିଲା, ସବୁ କୋଠଘରେ ଯାଇ ଟିଭି ଆଗରେ ବସିଦେଖିଲେ, ଅନ୍ଧାରରେ ଝାପସା ଦେଖାଯାଉଥିଲା, ସେ ଜନ୍ତୁ। ସାତ ଆଠ ଫୁଟ୍ ଲମ୍ବା, ତିନିଫୁଟ୍ ଚଉଡା ଆଉ କଳାମଚ ମଚ ଶରୀର, ହଠାତ୍ ଅଭି ପାଟି କରି କହିଲା, 'ହଇରେ ଏଇଟା ତ କାଣିଆର ପୋଡ ପରି ଦିଶୁଛି।' ସମସ୍ତେ ଧ୍ୟାନ ଦେଇ ଦେଖିଲେ, ସତକୁ ସତ ତାହା ପୋଡଟାଏ ଥିଲା, ଅନ୍ଧାର ଯୋଗୁଁ ଠିକ୍ ଦେଖାଯାଉ ନଥିଲା। ସମସ୍ତେ କଥାଟାକୁ ହସରେ ଉଡାଇଦେବା ସମୟରେ ତେଲି ସାହିରୁ କିଏ ଜଣେ ଚିଲ୍ଲେଇବାର ଶୁଣି ସବୁ ସେଇଆଡକୁ ଦଉଡିଗଲେ। ଉଦିଆମା' ତଳେ ଫାଁ ହୋଇ ପଡିଥିଲା, ପାଖରେ ପାଣିମାଠିଆଟା ପଡି ଫାଟି ଯାଇଥିଲା। ସେ ଖାଲି ହାଁ ହାଁ ହୋଇ ଶ୍ୱାସ ନେଉଥିଲା। ସବୁତାକୁ ଚାହିଁ ରହିଥିଲା ବେଳେ ତା' ଆଖିରେ ଭୟ ଦେଖି ସବୁ ଡରିଯାଇଥିଲେ।

ସାଙ୍ଗେ ସାଙ୍ଗେ କୁଆଡୁ ଖବର ପାଇ କେତେ ସାମ୍ବାଦିକ ଟିଭିବାଲା ଦଉଡି ଆସିଲେ। ଉଦିଆ ମାଁ ଗାଁର ମଉଡମଣୀ ହୋଇଗଲା। ସମସ୍ତଙ୍କ ପ୍ରଶ୍ନର ଉତ୍ତର ଦେବାପାଇଁ ପ୍ରସ୍ତୁତ ହେଉଥିବା ଉଦିଆ ମା ଟ୍ରଙ୍କ ପେଡିରୁ ପାଟ କାଢି ପିନ୍ଧି ବସିଲା। ଦେଖୁ ଦେଖୁ ତା' ଘରେ ଅଧା ଗାଁ ଭରି ହୋଇଗଲେ। ସଞ୍ଜବେଳକୁ ଟିଭିରେ ସବୁ ନିଜ ନିଜକୁ ଖୋଜୁଥିଲା ବେଳେ ଖବର ପ୍ରତି କେହି ଧ୍ୟାନ ଦେଇନଥିଲେ। ଉଦିଆ ମା'ର ଛବି ଟିଭିରୁ ବାହାରି ଗଲାପରେ ଲେଖିଲା, 'ଏହି ମହିଳା ଜନ୍ତୁକୁ ଧରି ପାରିଛନ୍ତି।' ସବୁ ଚମକି ପଡିଲେ, ଧରିଛନ୍ତି? କେବେ କେଉଁଠି ଆଉ କେମିତି? କେହି କିଛି ବୁଝିବା ପୂର୍ବରୁ ଜଙ୍ଗଲ ବିଭାଗ ଜନ୍ତାଧରି ଆସି ଉଦିଆ ଘର ଆଗରେ ପହଞ୍ଚିଲେ। ଆଉ ତା' ମା'କୁ ପୁଛାକଲେ, ଜନ୍ତୁ ବିଷୟରେ। ସେତେବେଳେ କଥାଟା ଧରାପଡିଲା, ଯେ ଟିଭିରେ ଆଉ ଖବର କାଗଜରେ ଫୋଟୋ ଛାପିବା ପାଇଁ ଉଦିଆ ମା' ଏଇ ନାଟକ ସାଜିଥିଲା।

ଏମିତି ହଠାତ୍ ଦିନେ ସେ ଜନ୍ତୁ କୁଆଡେ ଗାୟବ ହୋଇଗଲା। ଆଉ ପୂର୍ବପରି ପ୍ରତିଦିନ ସେ ଆକ୍ରମଣ କରିବା ଖବର ଆସିଲା ନାହିଁ। ଜଙ୍ଗଲ ବିଭାଗ କହିଲେ, ଜନ୍ତୁ ବୋଧହୁଏ ମରିଯାଇଛି। କିନ୍ତୁ ଜନ୍ତୁ ମରିବ କାହିଁକି। ଗଲା ମାସେ ମଧ୍ୟରେ ସେ ଅନ୍ତତଃ ତିନି ତିନି ଥର ମଣିଷକୁ ଆକ୍ରମଣ କରିଛି ଆଉ ଗାଁରୁ ସାତଟା ଛେଳି ନେଇଖାଇଛି। କିଛି ଲୋକ ସାହାସ କରି ଗାଁ ପାଖ ନଇକୂଳ, ଲଟାବୁଦା ସବୁ ସଫାକରି ଖୋଜିବାକୁ ଲାଗିଲେ। କିଛି ମିଳିଲା ନାହିଁ, କେହି କେହି ମନ୍ତବ୍ୟ ଦେଲେ ବୋଧହୁଏ ଜନ୍ତୁଟା ଗାଁଠୁ ଦୂରରେ ଥିବା ମାଳକୁ ଚାଲିଯାଇଥିବ। ଗାଁରେ ଉତ୍ସବ ଭଳିଆ ଲାଗିଲା, ପିଠାପଣା କରିଲେ। ଗାଁରୁ ସମ୍ବାଦ ଓ ସାମ୍ବାଦିକଙ୍କ ନିର୍ମିତ ଟେଣ୍ଟକୁ ଉଠେଇ ଦିଆଗଲା। ସବୁ ଟିଭିବାଲାଏ ନିରାଶ ହୋଇ ଫେରିଗଲେ।

ଦିନ ଦଶଟା ଯାଇନି, ପୁଣିଥରେ ସେହି ଜନ୍ତୁର ଆକ୍ରମଣ ଖବର ଆସିଲା। ଏଥର ଟିଭିବାଲାଏ ଆସିଲେ ନାହିଁ। ମାସାଧିକ କାଳ ଗାଁରେ ଛାଉଣୀ କରିଥିବା ଜନୈକ ସମ୍ବାଦିକ ବିରକ୍ତ ପ୍ରକାଶକରି ଖବର ଦେଇଦେଲା ଯେ ଏଇଟା ପାଲଟା ବାଘର କରାମତି। 'ପାଲଟା ବାଘ'। ସବୁ ଚମକି ପଡିଲେ। କାର୍ଜିଘର ଦୁଆରେ ଜମାହୋଇଥିବା ଲୋକେ ଆଁ କରି ଚାହୁଁଥାନ୍ତି। କାର୍ଜି କହିଲେ, ଏ ସବୁ ତୁଚ୍ଛା କଥା। ମଣିଷ ଟିଏ ଭଲା କେମିତି ବାଘ ହୋଇଯିବ। ହେଲେ କେତେଜଣ ବୟସ୍କ କହିଲେ, 'ଏମିତି ବି ସତରେ

ହୋଇପାରେ।' କିଏ କିଏ ତ ଜନ୍ତୁକୁ ଦେଖିଛନ୍ତି, ସେମାନଙ୍କୁ ପଚାରିଦେଖ।' ସେମାନଙ୍କୁ ଡକା କରାଗଲା ଆଉ ପ୍ରଶ୍ନକଲାପରେ ସେମାନେ ସବୁ ସନ୍ଦେହାସ୍ପଦ ଉତ୍ତରମାନ ଦେବାକୁ ଆରମ୍ଭ କଲେ। କେହି କେହି କହିଲେ, ହଁ ବାଘ ଭଳିଆ ଦିଶୁଥିଲା ଯେ ମାତ୍ର ହଳଦିଆ ନଥିଲା। କିଏ କହିଲା ମଣିଷ ବାଘ ହେଲେ ହଳଦିଆ କେମିତି ଦିଶିବ। ଏମିତି କଥା ବଢିଲା।

ଦିନ ଦୁଇଟା ଯାଇନି ସବୁ ଟିଭି ଚ୍ୟାନେଲ୍‌ରେ ପାଲଟା ବାଘର ଖବର ଆରମ୍ଭ ହୋଇଗଲା। କିଏ କିଏ କହିଲେ, ଆମେ ସିନେମାରେ ବି ଦେଖିଛୁ, ହିରୋଟା ଦିନରେ ମଣିଷ ଆଉ ରାତିରେ ବାଘ ହୋଇଯାଉଥିଲା। ପାଲଟା ବାଘ ଖବର ଯୋଗୁଁ ଭାରତ ବାହରୁ ଆସି କେତେ ସାମ୍ବାଦିକ ଗାଁରେ ଡେରା ପକାଇଲେ। ସେମାନଙ୍କୁ ଆପ୍ୟାୟିତ କରିବାପାଇଁ ଗାଁର କିଛି ଅଳ୍ପପାଠୁଆ ଓ ଅପାଠୁଆ ସେମାନଙ୍କ ପଛେ ପଛେ ଲାଞ୍ଜ ଭଳିଆ ଲାଗିଗଲେ। ଗାଁରେ ଗୋଟିଏ ନୂଆ ହାଟ ସୃଷ୍ଟି ହୋଇଗଲା। ଆଗରୁ ଖାଲି ବରା ଆଉ ଗୁଲୁଗୁଲା ଛାଣି ବିକୁଥିବା ପେଟୁ ମହାପାତ୍ର ଏବେ ଚାଉମିନି ଆଉ କଣ କଣ ସବୁ ଆଣି ବିକିବାକୁ ଆରମ୍ଭ କଲା।
ପାଞ୍ଚପଇସାର ବିଡି ବିକି ପଇସା ପାଉଥିବା ବାଟୁ ଏବେ ଦି ଟଙ୍କିଆ ସିଗାରେଟ୍ ରଖିଲା।

ମନ୍ତ୍ରୀଙ୍କ କାନକୁ ଖବର ଗଲାପରେ ସେ ଭାରି ବିଗିଡିଲେ କହିଲେ, 'ତୁମେ ମାନେ ସେଇ ଖାମଖିଆଲି କାମ ହିଁ କରିବ। କେବେ ଆଉ ସୁଧରିବ ନାହିଁ। ହଇହୋ ଏତେବଡ କାଣ୍ଡ ହୋଇଗଲା, ମୋତେ କେହି ବି ଖବର ଦେଇନ। ଏଇ କ୍ଷଣି ଯାଅ ଆଉ ମୋତେ ରିପୋର୍ଟ ଦିଅ, ଘଟଣା କଣ।' ମନ୍ତ୍ରୀ ସ୍ତରୀୟ ସଚିବମାନେ ବସି ମିଟିଂ କରି ଠିକ୍ କଲେ ନିଶ୍ଚୟ ଏହା ଏକ ଗମ୍ଭୀର ସମସ୍ୟା ଆଉ ଆମ ସମସ୍ତଙ୍କୁ ଏହା ପ୍ରତି ଧ୍ୟାନ ଦେବାକୁ ହେବ। ସେଇଠୁ କ୍ୟାଲେଣ୍ଡର ଦେଖି ଦିନ ଧାର୍ଯ୍ୟ କରାଗଲା। ସର୍ବଦଳୀୟ କମିଟି ଗଠନ ପାଇଁ ସୁପାରିଶ ପତ୍ର ସାଙ୍ଗେ ସାଙ୍ଗେ ପଠାଇ ଦିଆଗଲା। ସପ୍ତାହେ ଭିତରେ ସଦନରୁ ମଞ୍ଜୁରୀ ଆସିଲା। ବନ ବିଭାଗକୁ ସର୍ବଦା ସତର୍କ ଓ ତତ୍ପର ରହିବାପାଇଁ ନିର୍ଦ୍ଦେଶ ଦିଆଯାଇ, ଗସ୍ତର ଶେଷ ସୂଚୀ ତିଆରି କରାଗଲା। ଦୁଇମାସର ଅମଲାତନ୍ତ୍ରର ବ୍ୟସ୍ତତା ଭିତରେ ଗାଁରୁ ଜନ୍ତୁ କୁଆଡେ ହଜି ଯାଇଥିଲା।

ଶେଷରେ ଗାଁରେ ମନ୍ତ୍ରୀସ୍ତରୀୟ କମିଟିର ଗସ୍ତ ହେବା ନିଷ୍ପତ୍ତି ହୋଇଗଲା। କଣ୍ଟ୍ରାକ୍ଟର ମାନେ ରାତାରାତି ଆସି ଗାଁରେ ବିଜୁଳିବତୀ ଲଗେଇ ଚାଲିଗଲେ। ମନ୍ତ୍ରୀ ମଣ୍ଡଳର ଗସ୍ତ ପୂର୍ବରୁ ଗାଁର ସବୁ ରାସ୍ତା ଟିପ୍‌ଟପ୍ ହୋଇଗଲା। ସବୁ ନଳକୂଅରେ ପାଣି ଆସିଲା। ପୋଖରୀକୁ ଛାଇ ସଫା କରି ଦିଆଗଲା, କାଳେ ମନ୍ତ୍ରୀ ସେ ଆଡକୁ ଯିବେ ବୋଲି ଭାବି। ଗାଁରେ ଦିନରେ ଚାରି ପାଞ୍ଚଟା ପୋଲିସ୍ ଗାଡି ଆସି ପହରା ଦେବା ଆରମ୍ଭ କରିଦେଲେ। ଗାଁ ସ୍କୁଲରେ ପଢୁଥିବା ସବୁ ପିଲାଙ୍କୁ ନୂଆ ପୋଷାକ ପତ୍ର ଦେଇଦିଆଗଲା। ଅଙ୍ଗନାବାଡି ସେଣ୍ଟରକୁ ଠିକ୍ ଭାବେ ସଜାଇଦିଆଗଲା। ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରଙ୍କୁ ପୋଷ୍ଟିଂ କରିଦିଆଗଲା।

ଗସ୍ତକାର୍ଯ୍ୟକ୍ରମ ଦିନ ସକାଳୁ ସକାଳୁ ପୋଲିସ ଗାଡି ଆସି ମାଇକ୍‌ରେ ଘୋଷଣା କରିଦେଇଗଲା, ଯେ ମନ୍ତ୍ରୀଙ୍କ ଗସ୍ତ ସମୟରେ ସମସ୍ତେ ରାସ୍ତାକଡରେ ଠିଆହୋଇ ରହିବେ। ଯାହାକୁ ମନ୍ତ୍ରୀ ଡାକିବେ କେବଳ ସେ ହିଁ ଆଗକୁ ଆସି ମନ୍ତ୍ରୀଙ୍କ ପ୍ରଶ୍ନର ଉତ୍ତର ଦେବେ। ଗାଁ ସ୍କୁଲ୍‌ର ମାଷ୍ଟ୍ରଙ୍କୁ ବିଶେଷ ନିର୍ଦ୍ଦେଶ ଦିଆଯାଇଥିଲା।

ସବୁ ପିଲାଙ୍କୁ ଧାଡିବାନ୍ଧି ଠିଆକରାଇବା ପାଇଁ। ଗାଁ ମଝିରେ ମନ୍ତ୍ରୀ ବସିବାପାଇଁ ବିଶେଷ ସାମିଆନା ଲଗାଇ ଦିଆଗଲା। ସଭା ଆରମ୍ଭରେ ଗୀତ ଗାଇବାପାଇଁ ଦଳେ ଛାତ୍ରଛାତ୍ରୀଙ୍କୁ ବିଶେଷ ତାଲିମ୍ ଦିଆଗଲା। ଏଇ ସବୁ କାର୍ଯ୍ୟକ୍ରମ ଚାଲୁଥିବା ସମୟରେ ନଈ ପଠାରେ ଲୁଗାଧୋଇ ଶୁଖାଉଥିବା ସାଆନ୍ତ ଧୋବା ଉପରେ ଜନ୍ତୁ ଆକ୍ରମଣ କଲା। କିନ୍ତୁ ବଳିଷ୍ଠ ଚେହେରାବାଲା ସାଆନ୍ତ ଧୋବା ସୌଭାଗ୍ୟକୁ ହାତରେ ଧରିଥିବା ଠେଙ୍ଗାରେ ଯେମିତି ଗୋଟିଏ ପାହାର ଦେଇଛି, ଜନ୍ତୁଟି ସେଇଠି ସେମିତି ଢେର୍ ହୋଇଗଲା। ସେ ଉଠି ଦଉଡିବା ପୂର୍ବରୁ ଆଉ ଦି ପାହାର ପକାଇ ସାଆନ୍ତ ତା ଗୋଡକୁ ଭାଙ୍ଗିଦେଲା।

ଗାଁ ନଈ ଉପରେ ଯାଇଥିବା ପୋଲ୍ ଉପର ଦେଇ ଯାଉଥିବା ପୋଲିସ୍ ଜିପ୍ ହଠାତ୍ ଅଟକି ଯାଇଥିଲା। ଥାନାବାବୁ ଏଇ ଦୃଶ୍ୟ ଦେଖି ଚମକି ପଡିଲେ। ପଛରେ ବସିଥିବା କନେଷ୍ଟବଳ ଆସି କହିଲା 'ଆଜ୍ଞା ଲାଗୁଛି ଜନ୍ତୁଟା ମରିଗଲା ନା କ'ଣ? ଏଇ ଆମ ଗାଁ ସାଆନ୍ତ ଧୋବାଟା ତ। ଦେଲା ଦି ପାହାର ଠେଙ୍ଗାରେ ଯେ ଜନ୍ତୁ ଚିତ୍।' ବଡବାବୁ ହଠାତ୍ କଣ କରିବେ କିଛି ଭାବି ନପାରି ପୋଲିସ୍ କଣ୍ଟ୍ରୋଲ୍‌ରୁମ୍‌କୁ ଫୋନ କରି ସବୁ ବଖାଣିଲେ। ସେଇଠୁ ଥାନାରୁ ଫୋନ୍ କରି ଜିଲ୍ଲାପାଳଙ୍କୁ ଖବର ଦିଆଗଲା, ଜିଲ୍ଲାପାଳ କହିଲେ ଏତେ ଟଙ୍କା ଖର୍ଚ୍ଚକରି ମନ୍ତ୍ରୀଙ୍କ ଆସିବା ଯୋଗାଡ ହେଇଛି, ଘଟଣାଟା ଜଣା ପଡିଲେ ସବୁ ପାଣିରେ ପଡିବ, କଥାଟାକୁ ଲୁଚାଅ। ସେଇଠୁ ଥାନାବାବୁଙ୍କୁ ଖବର ଆସିଲା ଘଟଣାକୁ ଲୁଚାଅ। ଥାନାବାବୁ ସାଆନ୍ତ ଧୋବାକୁ ଧରି କହିଲେ, 'କାହାକୁ କହିବୁ ନାହିଁ, ବାଘ ମରିଯାଇଛି ବୋଲି।' ସେ ମୁଣ୍ଡ ଟୁଙ୍ଗାରି ହଁ ଭରିଲା

ସିନା ହେଲେ ବାଘକୁ ମାରିଥିବା ଯୋଗୁଁ ଖୁସିରେ ଉଚ୍ଛୁଳି ଉଠୁଥିଲା। ଗାଁକୁ ଗଲା ନିଜ ଖୁସିକୁ ଆଉ ଲୁଚେଇ ରଖିବାକୁ ଚେଷ୍ଟାକଲେ ବି ପାରିଲା ନାହିଁ ଅଗତ୍ୟା ନିଜ ସ୍ତ୍ରୀକୁ ସବୁ କଥା କହିଦେଲା।

ତେଣେ ଭୁବନେଶ୍ୱରରୁ ହେଲିକପ୍‌ଟରରେ ବସି ମନ୍ତ୍ରୀ ଗାଁ ଅଭିମୁଖେ ଯାତ୍ରା ଆରମ୍ଭକଲେ, ପ୍ରତି କ୍ଷଣ ସେ କାର୍ଯ୍ୟକ୍ରମ ଉପରେ ନିଘା କରିବାକୁ ଜିଲ୍ଲାପାଳ ସମସ୍ତଙ୍କୁ ତାଗିଦ କରି ଦେଇଥିଲେ। ମାତ୍ର ଘଣ୍ଟାଏରେ ଗାଁରେ ପହଞ୍ଚିଯିବାର ଥିଲା। ଜିଲ୍ଲାପାଳ ବାରମ୍ବାର ଥାନାବାଲାଙ୍କୁ ଫୋନ୍ କରି କହୁଥିଲେ, ଯେମିତି ଘଟଣାଟା ଜଣା ନ ପଡେ। ହେଲେ କଥା ଅଛି ସ୍ତ୍ରୀ ଲୋକପାଖରେ ଗୁମର କଥା ରହେ ନାହିଁ, ୟା କାନରୁ ତା' କାନ ହେଇ ପୁରା ଗାଁ ଜାଣିଗଲେ ଯେ ବାଘ ମରିସାରିଛି। ସନିଆ ଧୋବା ଟଙ୍କା ପାଇବା ବୋଲି ଜାଣି ଉଚ୍ଛୁଳି ଉଠୁଥିଲା। କିଛି ସମୟ ଭିତରେ ଗାଁ ଦାଣ୍ଡରେ ଜମା ହେଇଥିବା ସବୁଲୋକ ଏକାଠି ଉଠି ନଦୀ ପଠାକୁ ଚାଲିଲେ। ଯେଉଁଠି ବାଘର ମଡ ଲୁଚେଇ ରଖାଯାଇଥିଲା, ସନିଆ ଦୂରରେ ଥାଇ ତାହା ଯେମିତି ଜଣେଇ ଦେଇଛି, ସେମିତି ଗାଁ ଦାଣ୍ଡରେ ଗୋଟିଏ ପଟୁଆର ସାଙ୍ଗେ ସାଙ୍ଗେ ବାହାରି ପଡିଲା। ଆଗରେ ଶଗଡ ଉପରେ ବାଘର ମଡକୁ ଧରି ଗାଁ ବାଲାଏ ଗାଁ ଦାଣ୍ଡରେ ପଟୁଆର କରି ଚାଲିଲେ।

ମନ୍ତ୍ରୀ ଆସିବାକୁ ଆହୁରି ସମୟ ଅଛି, ଟିଭିବାଲାଏ ସାଙ୍ଗେ ସାଙ୍ଗେ ପହଞ୍ଚିଗଲେ। ହେଲେ ଗାଁର ଦୃଶ୍ୟ ଥିଲା ଅସମ୍ଭବ। କିନ୍ତୁ ଖବର ତ ଖବର। ସେଇୟା ହେଉ କହି ଫୋଟି ଉଠାଇବାକୁ ଲାଗିଲେ। ଗାଁ ଦାଣ୍ଡରୁ ଗହଳି ହଟେଇବାକୁ ଚେଷ୍ଟାକରି ଥାନାବାଲା ନୟାନ୍ତ

ଦ୍ୱିତୀୟ ବର୍ଷ
ଦଶମ-ଏକାଦଶ ସଂଖ୍ୟା
Vol: 2 Issue: 9
November-December 2007
ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
ଆହ୍ୱାନ

ହେଲେ। ମାତ୍ର ଭିଡ ଆଉ କମିଲା ନାହିଁ, ତେଣେ ଦୂରରୁ ମନ୍ତ୍ରୀଙ୍କ ହେଲିକପ୍‌ଟର ଆସିବା ଦେଖିବା ସତ୍ତ୍ୱେ କେହି ବି ଗାଁ ଲୋକ ସେଇଆଡକୁ ଗଲେ ନାହିଁ। ଲଙ୍ଗଳା ପୁଙ୍ଗୁଳା କେତୋଟି ପିଲା ଯାହା ଉଡାଯାହାଜ ଦେଖିବା ପାଇଁ ଜମା ହୋଇଥିଲେ ସିନା। ମନ୍ତ୍ରୀ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ଖବର କଣ କହିଲା ବେଳକୁ ଜାଣିବା ଲୋକେ ସବୁ କଥା ମନ୍ତ୍ରୀଙ୍କୁ କହିଲେ। ମନ୍ତ୍ରୀ ଖୁବ୍ ରାଗିଗଲେ। କହିଲେ, 'କ'ଣ ହେଲା, ବାଘ ମରିଗଲା। ଗୋଟେ ସାଧାରଣ ଗାଁ ଲୋକ ବାଘଟାକୁ ମାରିଦେଲା। ଅସମ୍ଭବ। ସେ ବାଘ ଏମିତି ସେମିତି ବାଘ ନାହିଁ, ତା'କୁ ଯିଏ ମାରିଛି, ତା'କୁ ଗିରଫ କର। ବଣ୍ୟପ୍ରାଣୀକୁ ମାରିଥିବା ଦଣ୍ଡରେ ତା'କୁ ଦଣ୍ଡିତ କର।'

ସାଙ୍ଗେ ସାଙ୍ଗେ ପୋଲିସବାବୁ ଯାଇ ସନିଆକୁ ଧରି ଆସିଲେ। ମନ୍ତ୍ରୀ କହିଲେ, 'ତୁ ବାଘ ମାରିଛୁ? ଫୁଙ୍କିଦେଲେ ଉଡିଯିବା ଭଳି ଚେହେରା ରଖିଛୁ ,ଆଉ କହୁଛୁ ବାଘ ମାରିଛୁ? ସେଇ ବାଘକୁ ତୁ ମାରିନୁ। ସେ ବାଘକୁ ମାରିଛନ୍ତି ପୋଲିସମାନେ।'

ସନିଆ କିଛି ବୁଝିନପାରି କହିଲା, 'କି କଥା କହୁଛନ୍ତି ଆଜ୍ଞା, ଦି ପାହାର ପଡିଲାବେଳକୁ ବାଘ ଚିତ୍ ହେଇଗଲା। ଆଉ ପୋଲିସ ବାଲାଏ ଆସିଲା ବେଳକୁ ସେ ଗଲାଣି।' ଜିଲ୍ଲାପାଳ ପଛରୁ ତା'କୁ ଭିଡିଆଣି କହିଲେ, 'ମନ୍ତ୍ରୀ କହିଲେ ମାନେ, କଥାଟା ଠିକ୍।' ସନିଆ ଚୁପ୍ ହୋଇଗଲା। ମନକୁ ମନ ଗୁଣୁଗୁଣୁ ହେଲା, ଧିର ସ୍ୱରରେ କହିଲା, 'ଆଜ୍ଞା ଆଉ ପୁରସ୍କାର ମୋତେ ମିଳିବନି।' ପୋଲିସ ବାବୁ ମୁଣ୍ଡ ହଲାଇ ନାହିଁ କହିବା ପରେ ମନଦୁଃଖ କରି ସେଇଠୁ ବାହାରି ଆସିଲା। ତା'ରୂପ ଦେଖି ସନିଆ ସ୍ତ୍ରୀ ତା'ଠୁ ସବୁ ବୁଝିଲା, ଆଉ ଦେଖୁ ଦେଖୁ ପୁରା ଗାଁ ଦାଣ୍ଡରେ ଘୋଘା ଗହଳି ଆରମ୍ଭ ହୋଇଗଲା। ପୋଲିସ ବାଲାଏ କିଛି ବ୍ୟବସ୍ଥା କରିବା ପୂର୍ବରୁ, ମନ୍ତ୍ରୀଙ୍କ ଉପରେ ପଥରଗୋଡି, ମାଟି, କାଦୁଅ ଓ ଗୋବରର ବର୍ଷା ଆରମ୍ଭ ହୋଇଗଲା। ମନ୍ତ୍ରୀ ଯିବାକୁ ବାଟ ପାଇଲେ ନାହିଁ। ଦିନସାରା ହେବାକୁ ଥିବା କାର୍ଯ୍ୟକ୍ରମକୁ ମାତ୍ର ଅଧଘଣ୍ଟାରେ ସମାପ୍ତ କରିଦିଆଗଲା। ତରବରରେ ମୁହଁରୁ ଗୋବର ପୋଛି ପୋଛି ମନ୍ତ୍ରୀ ସାମ୍ବାଦିକ ମାନଙ୍କୁ ବୟାନ ଦେଉଥିଲେ, ଲୋକମାନେ ବାଘ ମରିଥିବା ଖୁଶିରେ ତାଙ୍କୁ ଫଗୁ ପକାଇଛନ୍ତି, କିଛି ବିପକ୍ଷଦଳିଆ ଟୋକା ଏଇ ମଉକାରେ ଗୋବର ଓ ଅନ୍ୟ ପଦାର୍ଥ ଫୋପାଡି ଦେଲେଯାହା। ଜିଲ୍ଲାପାଳ ସଗର୍ବେ କହୁଥିଲେ, ଆମେ ବାଘକୁ ମାରି ଲୋକମାନଙ୍କ ମନରେ ଥିବା ଭୟକୁ ଦୂର କରିବାରେ ସକ୍ଷମ ହୋଇଛୁ। ତେଣେ ଥାନାବାଲାଏ ବାଘକୁ ତଳେ ପକାଇ ତା ଉପରେ ଗୋଡଥୋଇ ଫୋଟୋ ଉଠାଇବାରେ ବ୍ୟସ୍ତଥିଲେ।

# ଉତ୍ତରଦାୟୀ କିଏ?

ରାଜ୍ୟ ରାଜନୀତି

ଗୋପାଳ ମିଶ୍ର

ଆମ ବ୍ୟବସ୍ଥାରେ ଗୋଟିଏ ନିର୍ବାଚିତ ସରକାରର ଯେଉଁ ସବୁ ଦାୟିତ୍ୱ ରହିଛି ତା ମଧ୍ୟରେ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଦୁଇଟି। ଗୋଟିଏ ହେଲା ଶାନ୍ତି ଶୃଙ୍ଖଳା ବଜାୟ୍ ରଖିବା ସହିତ ଅପରାଧ ନିୟନ୍ତ୍ରଣ କରିବା ଯେପରିକି ସାଧାରଣ ଲୋକେ ନିଜକୁ ନିରାପଦ ଓ ସୁରକ୍ଷିତ ମନେ କରିବେ। ଅନ୍ୟଟି ହେଉଛି ବିକାଶର ପ୍ରକ୍ରିୟାକୁ ପ୍ରାଥମିକତା ଦେଇ ନିଷ୍ଠାର ସହିତ ବିଭିନ୍ନ କାର୍ଯ୍ୟକ୍ରମ ରୂପାୟିତ କରିବା। କ୍ଷୋଭର ସହିତ କହିବାକୁ

ଦ୍ୱିତୀୟ ବର୍ଷ
ଦଶମ-ଏକାଦଶ ସଂଖ୍ୟା
Vol: 2 Issue: 9
November-December 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଆହ୍ୱାନ

ହେଉଛି ଯେ ରାଜ୍ୟର ସାଂପ୍ରତିକ ପରିସ୍ଥିତି ଯାହା ସେଥିରେ ନୈରାଶ୍ୟବୋଧ କରିବାର ଯଥେଷ୍ଟ କାରଣ ରହିଛି। କେବଳ ଦୋଷଦର୍ଶୀ ହେବା କିମ୍ବା ସବୁକଥାରେ ମୁଖ୍ୟମନ୍ତ୍ରୀଙ୍କ ମୁଣ୍ଡରେ ଦୋଷ ଲଦିଦେବା ଉଦ୍ଦେଶ୍ୟ ନୁହେଁ ଯଦିଓ ଅବଶେଷରେ ଶାସନର ମଙ୍ଗୁଆଳ ଭାବରେ ମୁଖ୍ୟମନ୍ତ୍ରୀ ନିଜର ଉତ୍ତରଦାୟିତ୍ୱ ଏଡାଇ ଯାଇପାରିବେ ନାହିଁ। କିନ୍ତୁ ଯେଉଁମାନେ ପ୍ରତ୍ୟକ୍ଷ ଭାବରେ ଉପରୋକ୍ତ ଦୁଇଟି ଦାୟିତ୍ୱ ତୁଲାଇବା ପାଇଁ ଉଦ୍ଦିଷ୍ଟ ସେମାନେ ଭୁଲିଯିବା ଉଚିତ ନୁହେଁ ଯେ ସେମାନଙ୍କର ମଧ୍ୟ ଉତ୍ତରଦାୟିତ୍ୱ ଅଛି। ସରକାରୀ ଚାକିରିର ବ୍ୟବସ୍ଥାଗତ ସୁରକ୍ଷାର ବଳୟ ମଧ୍ୟରେ ରହି ସେମାନେ ଯେତେ ଯାହା ସଫେଇ ଦେଲେ ମଧ୍ୟ କର୍ତ୍ତବ୍ୟବୋଧର ଅଭାବକୁ ଘୋଡେଇ ରଖିବା ଉଦ୍ୟମ କେବେହେଲେ କ୍ଷମଣୀୟ ହୋଇ ନପାରେ।

ଉଦାହରଣ ସ୍ୱରୂପ ଦର୍ଶାଯାଇପାରେ ଯେ ଶାନ୍ତିଶୃଙ୍ଖଳା ପରିସ୍ଥିତି ବ୍ୟାହତ ହେଲେ କିମ୍ବା ଅପରାଧର ମାତ୍ରା ବୃଦ୍ଧି ହେଲେ ବରାବର ସଫେଇ ଦିଆଯାଇଥାଏ ଯେ ପୁଲିସ୍ ବାହିନୀରେ ଲୋକ ବଳ କମ୍। ଆବଶ୍ୟକ ମୁତାବକ ଅନ୍ୟାନ୍ୟ ଆଧୁନିକ ସୁବିଧା ମଧ୍ୟ ନାହିଁ। ଏକଥା ଶୁଣି ଶୁଣି କାନ ବଧିରା ହୋଇଗଲାଣି। ଅଥଚ ପୁଲିସ୍ ପ୍ରଶାସନର ଆଧୁନିକୀକରଣ କରାଯାଉଛି ଏବଂ ନୂଆ ନୂଆ ବଟାଲିୟନ୍ ପ୍ରତିଷ୍ଠା କରାଯାଉଛି ଆଦି କଥା ବରାବର ଶୁଣିବାକୁ ମିଳିଥାଏ। ପ୍ରତ୍ୟେକ ବର୍ଷ ପୁଲିସ୍ ପ୍ରଶାସନ ସଂପର୍କୀୟ ଶ୍ୱେତପତ୍ରରେ ଶାନ୍ତି ଶୃଙ୍ଖଳା ଓ ଅପରାଧ ଜନିତ ପରିସ୍ଥିତି ସନ୍ତୋଷଜନକ ବୋଲି ଦାବି କରାଯାଇଥାଏ।

ମାଓବାଦୀ ଉଗ୍ରପନ୍ଥୀମାନଙ୍କ ହିଂସାକାଣ୍ଡ ଏକ ସମୟରେ ଦକ୍ଷିଣ ସୀମାନ୍ତବର୍ତ୍ତୀ କେତୋଟି ଜିଲ୍ଲାରେ ସୀମାବଦ୍ଧ ଥିଲା। ଏବେ ତାହା ପଶ୍ଚିମାଞ୍ଚଳ ଓ ଉତ୍ତରାଞ୍ଚଳ ବ୍ୟତୀତ ଉପକୂଳବର୍ତ୍ତୀ କେତେକ ଅଞ୍ଚଳକୁ ବ୍ୟାପ୍ତ ହେଲାଣି। ଗତ କେତେ ବର୍ଷ ମଧ୍ୟରେ କୋରାପୁଟ୍ଠାରୁ ଆରମ୍ଭକରି ଉଦୟଗିରି ପର୍ଯ୍ୟନ୍ତ କେତେକ ସ୍ଥାନରେ ଉଗ୍ରପନ୍ଥୀମାନେ ପ୍ରଶାସନକୁ କବ୍ଜା କରି ଯେଉଁ କାଣ୍ଡମାନ ଘଟାଇଥିଲେ ତା ଉପରେ ଦୃଷ୍ଟିପକାଇଲେ ଆମ ପ୍ରଶାସନ ଓ ପୁଲିସ୍ ବଳ କେତେ ନିଃସହାୟ ତାହା ବାରି ହୋଇପଡିବ। ସର୍ବଶେଷ ଘଟଣାରେ କୋରାପୁଟ ଜିଲ୍ଲାର ଦର୍ଲିପୁଟ୍ ରେଳଷ୍ଟେସନ୍ ଉପରେ ଯେଉଁ ଉଗ୍ରପନ୍ଥୀ ଚଡାଉ କଲେ ଓ ବୋମା ବିସ୍ଫୋରଣରେ ଗୋଟିଏ ମାଲ୍ ଗାଡି ଇଞ୍ଜିନ୍କୁ ଧ୍ୱସ୍ତବିଧ୍ୱସ୍ତ କରିଦେଲେ। ଏକା ଦିନରେ ଦେଓଗଡ ଜିଲ୍ଲାର ତେଲିକୁସୁମୀ ଓ ରାଣୀଗୋଲା ଗ୍ରାମ ଉପରେ ଚଡଉ କରି ଜଣେ ଠିକାଦାର ଓ ଜଣେ ପୁଲିସ୍କୁ ଖବର ଯୋଗାଇ ଗୋଇନ୍ଦାଗିରି କରୁଥିବା ବ୍ୟକ୍ତି ଓ ଆଉ ଜଣେ ସାଧାରଣ ବ୍ୟକ୍ତିଙ୍କୁ ନୃସଂଶ ଭାବେ ହତ୍ୟାକଲେ। ଗାଁ ଲୋକେ ଭୟରେ ଘରଦ୍ୱାର ଛାଡି ପଳାଇଲେ। ଠିକ୍ ଏହି ଘଟଣାର ପରିପ୍ରେକ୍ଷୀରେ ବ୍ରହ୍ମପୁର ନିକଟବର୍ତ୍ତୀ ରଙ୍ଗେଇଲୁଣ୍ଡାରୁ ସଡକ ପଥରେ ଯାଇ ମୁଖ୍ୟମନ୍ତ୍ରୀ ମାଓବାଦୀ ଉପଦ୍ରୁତ ରାୟଗଡା, ଗୁଣୁପୁର ଓ ପାରଳାଖେମୁଣ୍ଡି ଗସ୍ତକରି ନିରାପଦରେ ଫେରିଆସିଲେ। ଆମ ପୁଲିସ୍ ଡିଜି ଅମରାନନ୍ଦ ପଟ୍ଟନାୟକ ଜଣେ ସ୍ୱଚ୍ଛ ଭାବମୂର୍ତ୍ତୀ ସଂପର୍ଣ୍ଣ ଦକ୍ଷ ପୁଲିସ୍ ଅଫିସର ଭାବରେ ପରିଚିତ। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ନିରାପଦ ଗସ୍ତର ତାତ୍ପର୍ଯ୍ୟ ସଂପର୍କରେ କ୍ୟାମେରା ଆଗରେ ଗୋଟିଏ ଘରୋଇ ଟିଭି ଚ୍ୟାନେଲ୍କୁ ସେ ଯାହା କହିଲେ ତାହା ବେଶ୍

ଦ୍ୱିତୀୟ ବର୍ଷ
ଦଶମ-ଏକାଦଶ ସଂଖ୍ୟା
Vol: 2 Issue: 9
November-December 2007
ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
ଆହ୍ବାନ

କୌତୁହଳପ୍ରଦ। ଯେହେତୁ ଉଗ୍ରପନ୍ଥୀପ୍ରବଣ ଏହି ଅଞ୍ଚଳରେ ସଡକ ପଥରେ ଗସ୍ତକରି ମୁଖ୍ୟମନ୍ତ୍ରୀ ନିରାପଦରେ ଫେରିଯାଇଛନ୍ତି ସେହି କାରଣରୁ ଆଇନ୍‌ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣାଧୀନ ଅଛି ବୋଲି ଦର୍ଶାଇ ସେ ସନ୍ତୋଷ ପ୍ରକାଶ କରିଥିଲେ। ଦର୍ଲିପୁଟ୍, ତେଲିକୁସୁମୀ, ରାଣୀଗୋଲାର ସଦ୍ୟ ହିଂସାକାଣ୍ଡରେ ପୁଲିସ୍‌ର ନିଷ୍କ୍ରିୟତାକୁ ସେ ବେଶ୍ ଚତୁରତାର ସହ ଏଡାଇ ଯାଇଥିଲେ। ପରେ ପରେ ବାଲିମେଳା ଜଳବିଦ୍ୟୁତ୍ ପ୍ରକଳ୍ପକୁ ଉଡାଇ ଦେବାର ପ୍ରୟାସ, ବିଏସ୍‌ଏନ୍‌ଏଲ୍ ଟାୱାର୍ ଭାଙ୍ଗିବା ଏବଂ ଲ୍ୟାଣ୍ଡ୍ ମାଇନ୍ ବିସ୍ଫୋରଣ ଘଟିବା ସିଦ୍ଧ କରିଦେଲା ଯେ ପୂର୍ବରୁ ପୁଲିସ୍ ବାହିନୀ ସତର୍କ ଥିଲେ ମଧ୍ୟ ଉଗ୍ରପନ୍ଥୀମାନେ ମୁକାବିଲା ମୂଳକ ପଦକ୍ଷେପ ନେବାରେ ଦ୍ୱିଧାବୋଧ କରୁନାହାନ୍ତି। ପୁଣି ପରେ ପରେ ସମ୍ବଲପୁରଠାରୁ ୪୦ କିଲୋମିଟର ଦୂରେ ଜାତୀୟ ରାଜପଥରେ ଅନ୍ଧାଧୁନିଆ ଗୁଳି ଚଳାଇ ଗୋଟିଏ ଇଣ୍ଡିକା କାର୍‌ର ଯାତ୍ରୀମାନଙ୍କୁ ଗୁରୁତର ଭାବରେ ଆହତ କରାଯାଇଥିଲା। ରାସ୍ତାରେ ଏକ ଟ୍ରକ୍ ଜବତ କରି ତାକୁ ପୋଡି ଦିଆଗଲା। ତପସ୍ୱିନୀ ଟ୍ରେନ୍‌କୁ ଲାଇନ୍ ଉପରେ ୬ ଘଣ୍ଟାକାଳ ଅଟକ ରଖାଗଲା।

ଏ କଥା ବହୁଦିନରୁ ଜଣା ଅଛି ଯେ ବିକାଶର ମାନଦଣ୍ଡରେ ଗରିବ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଗୁଡିକ ଏବେ ମଧ୍ୟ ବହୁ ପଛରେ ଯେଉଁଥି ପାଇଁ ସେ ସବୁ ଅଞ୍ଚଳରେ ଜନ ଅସନ୍ତୋଷ ଲାଗିରହିଛି ଏବଂ ପ୍ରଶାସନ ଉପରୁ ଭରସା କମିବାରେ ଲାଗିଛି। ପ୍ରଶାସନର ବିଶ୍ୱସନୀୟତା ପ୍ରତି ସେ ଅଞ୍ଚଳ ଲୋକମାନଙ୍କ ମଧ୍ୟରେ ଆସ୍ଥା ଜନ୍ମାଇ ନ ପାରିଲେ ଉଗ୍ରପନ୍ଥୀମାନଙ୍କ ଅନୁପ୍ରବେଶ ବନ୍ଦ କରିବା ସହଜସାଧ୍ୟ ହେବନାହିଁ। ନିକଟରେ ସ୍ୱରାଷ୍ଟ୍ର ବିଭାଗର ପ୍ରମୁଖ ସଚିବ ମଧ୍ୟ ଗୋଟିଏ ଟିଭି ଚ୍ୟାନେଲ୍‌କୁ ସାକ୍ଷାତକାର ଦେଲାବେଳେ ପଛୁଆ ଅଞ୍ଚଳର ବିକାଶ ହିଁ ଉଗ୍ରପନ୍ଥୀମାନଙ୍କୁ ନିବର୍ତ୍ତାଇବାର ଗୋଟିଏ ମାତ୍ର ବାଟ ବୋଲି ସ୍ୱୀକାର କରିଥିଲେ। କିନ୍ତୁ ବିକାଶର ପ୍ରକ୍ରିୟା କିପରି ବାଟରେ ଚାଲିଛି ସେ ସଂପର୍କରେ ଆଲୋଚନା କରିବା ପୂର୍ବରୁ ଅପରାଧ ନିୟନ୍ତ୍ରଣ ପରିସ୍ଥିତି ଉପରେ ଦୃଷ୍ଟିପାତ କରିବା।

ସ୍ୱରାଷ୍ଟ୍ର ବିଭାଗର ବଜେଟ୍ ଯାଞ୍ଚ କରିଥିବା ବିଧାନସଭାର ସର୍ବଦଳୀୟ ଷ୍ଟାଣ୍ଡିଂ କମିଟି ଯେଉଁ ରିପୋର୍ଟ ଦେଇଛନ୍ତି ତାକୁ ଅନୁଧ୍ୟାନ କଲେ ଅପରାଧର ମାତ୍ରା କମିବା ପରିବର୍ତ୍ତେ କିପରି ବୃଦ୍ଧିପାଇ ଚାଲିଛି ତାହା ଭଲ ଭାବରେ ବୁଝି ହେବ। ଉଲ୍ଲେଖ କରାଯାଇ ପାରେ ଯେ ଏଥିରେ ଥିବା ତଥ୍ୟ ସରକାରୀ ସୂତ୍ରରୁ ଦିଆଯାଇଥିବା ତଥ୍ୟ ଉପରେ ଆଧାରିତ। ୨୦୦୪ ସାଲରେ ମୋଟ ଧର୍ତ୍ତବ୍ୟ ଅପରାଧ ସଂଖ୍ୟା ୬୨ ହଜାର ୫୧୪ ଥିବା ବେଳେ ୨୦୦୬ ସାଲରେ ଏହା ୬୫ ହଜାର ୫୫୨କୁ ବଢିଛି। ୨୦୦୪ ଓ ୨୦୦୫ ସାଲ୍ ତୁଳନାରେ ହତ୍ୟାକାଣ୍ଡର ମାତ୍ରା ଯଥାକ୍ରମେ ୮.୭ ପ୍ରତିଶତ ଓ ୯ ପ୍ରତିଶତ ବୃଦ୍ଧି ପାଇଛି। ୨୦୦୫ ତୁଳନାରେ ୨୦୦୬ରେ ଡକାୟତିର ମାତ୍ରା ୩୪.୬ ପ୍ରତିଶତ ବଢିଛି। ଉଦ୍‌ବେଗଜନକ କଥା ହେଉଛି ୨୦୦୫ରେ ୭୯୯ଟି ଧର୍ଷଣ ମାମଲା ଦରଜ ହୋଇଥିବା ବେଳେ ୨୦୦୬ରେ ୯୮୫ଟି ଧର୍ଷଣ ମାମଲା ଦରଜ ହୋଇଛି। ଅର୍ଥାତ୍ ଗତ ବର୍ଷ ତୁଳନାରେ ଧର୍ଷଣ ମାମଲା ୨୩.୨ ପ୍ରତିଶତ ବୃଦ୍ଧି ପାଇଛି। ଅବଶ୍ୟ ଏକଥା ମଧ୍ୟ ଉଲ୍ଲେଖ କରାଯାଇଛି ଜାତୀୟ ସ୍ତରର ଗାଇଡ୍‌ଲାଇନ୍ ଅନୁଯାୟୀ ପ୍ରତି ଏକ ଲକ୍ଷ ଜନସଂଖ୍ୟା ପାଇଁ ୧୫୦ ଜଣ ପୁଲିସ ରହିବା

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଦ୍ୱିତୀୟ ବର୍ଷ
ଦଶମ-ଏକାଦଶ ସଂଖ୍ୟା
Vol: 2 Issue: 9
November-December 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
ଆହ୍ୱାନ

ଆବଶ୍ୟକ। ଆମ ରାଜ୍ୟରେ କିନ୍ତୁ ପ୍ରତି ଏକ ଲକ୍ଷ ଜନସଂଖ୍ୟା ପାଇଁ ୯୩ ଜଣ ଅଛନ୍ତି।

ବିକାଶ ପ୍ରକ୍ରିୟା ସଂପର୍କରେ ଆଲୋଚନା କଲାବେଳେ ପ୍ରଥମେ ଯେଉଁ କଥାଟି ଦୃଷ୍ଟିରେ ପଡିବ ତାହା ହେଉଛି ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗରିବ ଲୋକଙ୍କ ହିତ ପାଇଁ ଉଦ୍ଦିଷ୍ଟ ପ୍ରତିଟି କାର୍ଯ୍ୟକ୍ରମରେ ଲଗାମ୍‌ଛଡା ବାଟମାରଣ ଓ ଦୁର୍ନୀତି। ସେ ଇନ୍ଦିରା ଆବାସ ଯୋଜନା ହେଉ କିମ୍ବା ଗରିବ ଖଟିଖିଆକୁ ବର୍ଷରେ ଅନ୍ୟୁନ ୧୦୦ ଦିନ ନିଶ୍ଚିତ କାମ ଯୋଗାଇ ଦେବା ଯୋଜନା ହେଉ; ସବୁଥିରେ ଏ ପ୍ରକାର ହେରଫେର ହେବା ଏକ ସ୍ୱୀକୃତ ଘଟଣା। ତଦନ୍ତ ହେଉଛି, କାର୍ଯ୍ୟାନୁଷ୍ଠାନ କଣ ହେଉଛି ତାହା ସ୍ପଷ୍ଟ ନୁହେଁ। କିନ୍ତୁ ଗୋଟିଏ କଥା ସ୍ପଷ୍ଟ ଯେ ଯେଉଁମାନେ ଏହି ସବୁ ଯୋଜନା କାର୍ଯ୍ୟକାରୀ କରିବା ଦାୟିତ୍ୱରେ ଅଛନ୍ତି ସେମାନଙ୍କ ମଧ୍ୟରେ ଅଙ୍ଗୀକାରବଦ୍ଧ ଓ ନିଷ୍ଠାର ଅଭାବ। ହେରଫେର ମାମଲାରେ ଏମାନଙ୍କ ସହିତ ଦଳୀୟ ରାଜନୀତିରେ ଜଡିତ କିଛି ଲୋକ ମଧ୍ୟ ହାତ ମିଳାଇଛନ୍ତି।

ଇତି ମଧ୍ୟରେ ପଞ୍ଚାୟତିରାଜ ବିଭାଗର ବଜେଟ୍ ଯାଞ୍ଚ କରିଥିବା ବିଧାନସଭାର ସର୍ବଦଳୀୟ କମିଟି ତାଙ୍କ ରିପୋର୍ଟରେ ଯାହା ଉଲ୍ଲେଖ କରିଛନ୍ତି ତାହା ନିଶ୍ଚିତଭାବେ ସରକାରୀ ଉଦାସୀନତାର ଏକ ନିଛକ ଦୃଷ୍ଟାନ୍ତ। ୨୦୦୩ ସାଲରେ ତତ୍କାଳୀନ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରାଜ୍ୟ ସରକାରଙ୍କୁ ନିର୍ଦ୍ଧାରିତ ଗାଇଡ୍‌ଲାଇନ୍ ଅନୁଯାୟୀ ତୁରନ୍ତ ବିପିଏଲ୍ ତାଲିକା ଚୂଡାନ୍ତ କରିବା ପାଇଁ ପରାମର୍ଶ ଦେଇଥିଲେ। କିନ୍ତୁ ୨୦୦୬ ସାଲ ଡିସେମ୍ବର ୧୯ ତାରିଖ ପର୍ଯ୍ୟନ୍ତ ଏହି ପରାମର୍ଶ ସଂପର୍କରେ କୌଣସି ଉତ୍ତର ଦିଆ ଯାଇ ନଥିଲା। ତାପରେ କେବଳ ସ୍ପଷ୍ଟୀକରଣ ପାଇଁ ଚିଠି ଲେଖା ଚାଲିଲା। ଆମ ମୁଖ୍ୟମନ୍ତ୍ରୀ ୨୦୦୭ ସାଲ ଜୁନ୍ ମାସରେ କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖି ୨୦୦୨ ସାଲର ବିପିଏଲ ତାଲିକା ପ୍ରସ୍ତୁତିରେ କେତେକ ଅସୁବିଧା ଥିବା ଦର୍ଶାଇଥିଲେ। ନିକଟରେ ଦିଲ୍ଲୀ ଗସ୍ତରେ ଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କୁ ସାକ୍ଷାତ କରି ବର୍ତ୍ତମାନ ପାଇଁ ୧୯୯୭ ସାଲର ବିପିଏଲ ତାଲିକା ଅନୁଯାୟୀ ଇନ୍ଦିରା ଆବାସ ଯୋଜନାରେ ଗୃହ ବଣ୍ଟନ କରିବା ଲାଗି ଅନୁମତି ଚାହିଁଥିଲେ। କେନ୍ଦ୍ରମନ୍ତ୍ରୀ ଏଥିରେ ରାଜି ହୋଇଥିବାର ଏବେ କୁହାଯାଉଛି। କିନ୍ତୁ ସଂଶୋଧିତ ବିପିଏଲ ତାଲିକା ଚୂଡାନ୍ତ କରାନଯିବା ଫଳରେ ଯେଉଁ ଗରିବ ଶ୍ରେଣୀର ଲୋକେ ବିଭିନ୍ନ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି ସେମାନଙ୍କ ପାଖରେ କଣ କେହି ଉତ୍ତରଦାୟୀ ନୁହନ୍ତି କି? ବିଧାନସଭା ଷ୍ଟାଣ୍ଡିଂ କମିଟି ଦର୍ଶାଇଛନ୍ତି ଯେ ଗୋଟିଏ ବ୍ଲକ୍‌ରେ ଗରିବ ଲୋକଙ୍କ ହିତ ପାଇଁ ମିଳିଥିବା ୨୩ କୋଟି ଟଙ୍କା ଖର୍ଚ୍ଚ ହୋଇନପାରି ପଡିରହିଛି। କମିଟି ଉଲ୍ଲେଖ କରିଛନ୍ତି ଯେ ନୂଆପଡା ଦରିଦ୍ରତମ ଜିଲ୍ଲାମାନଙ୍କ ମଧ୍ୟରେ ଅନ୍ୟତମ। ଏଠାରୁ ହଜାର ହଜାର ଲୋକ କାମ ଅନ୍ୱେଷଣରେ ଗାଁ ଛାଡି ଅନ୍ୟ ରାଜ୍ୟକୁ ଯାଆନ୍ତି। ଅଥଚ କୋମନା ବ୍ଲକ୍‌ରେ ବର୍ଷରେ ୧୦୦ ଦିନ ନିଶ୍ଚିତ ନିଯୁକ୍ତି ଯୋଗାଣ କାର୍ଯ୍ୟକ୍ରମରେ ମଜୁରି ବାବଦରେ ୨୨ ଲକ୍ଷରୁ ଅଧିକ ଟଙ୍କା ଶ୍ରମିକ ମାନଙ୍କୁ ମିଳିନାହିଁ। ବଲାଙ୍ଗୀର ଜିଲ୍ଲା ମିର୍ଧାପାଲିରେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଗୁରୁତର ତ୍ରୁଟି ଦୃଷ୍ଟିକୁ ଆସିଛି।

୨୦୦୬ ସାଲ ମେ ମାସ ସୁଦ୍ଧା ସାନି ବିପିଏଲ ତାଲିକା ଚୂଡାନ୍ତ ହେବ ଏବଂ ୧୦୦ ଦିନର ନିଶ୍ଚିତ

ଡା ଜ୍ୟୋତି ପ୍ରସାଦ ପଟନାୟକଙ୍କ ପ୍ରତ୍ୟକ୍ଷ୍ୟ ତତ୍ତ୍ୱାବଧାନରେ ସଂପାଦିତ ଓ ପ୍ରକାଶିତ

ଦ୍ୱିତୀୟ ବର୍ଷ
ଦଶମ-ଏକାଦଶ ସଂଖ୍ୟା
Vol: 2 Issue: 9
November-December 2007
ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
ଆହ୍ୱାନ

କର୍ମଯୋଗାଣ ନିଷ୍ଠା ଓ ସ୍ୱଚ୍ଛତାର ସହିତ କରାଯିବ ବୋଲି ରାଜ୍ୟ ସରକାର ଦେଇ ଆସୁଥିବା ପ୍ରତିଶ୍ରୁତି ଯେ ଅର୍ଥହୀନ ହୋଇ ପଡିଛି ଏଥିରେ କେହି ଦ୍ୱିମତ ହେବେ ନାହିଁ। ବିକାଶର ପ୍ରକ୍ରିୟା ହେଉ ଅବା ଆଇନଶୃଙ୍ଖଳା ପରିସ୍ଥିତି ହେଉ, ଯେଉଁ ସବୁ ତ୍ରୁଟି ଦେଖାଯାଇଛି ଶାସନ କଳର ବିଭିନ୍ନ ସ୍ତରରେ ଥିବା ଅଧିକାରୀ ସେଥିପାଇଁ ସିଧାସଳଖ ଦାୟୀ ହେଲେ ମଧ୍ୟ ସରକାରର ମଙ୍ଗୁଆଳ ଭାବରେ ମୁଖ୍ୟମନ୍ତ୍ରୀ ତାଙ୍କର ଦାୟିତ୍ୱ ଏଡାଇ ଦେଇ ପାରିବେ କି?

## ଆମ ଗାଁ ହାଲ୍‌ଚାଲ୍

ମାଘ ମାସର ପୂର୍ଣ୍ଣମୀ ଆଉ ମାତ୍ର ପନ୍ଦର ଦିନ ଅଛି, ଗାଁ ମଝି ମଣ୍ଡପ ଉପରେ ସଭା ବସିଲା, ବୁଢା ପିଲା ଟୋକା ସବୁ ଏକାଠି ବସିଲେ। କାର୍ଜି କହିଲେ, କଙ୍କୋରଡା ଦଳ ଆଉ ସୁବଳୟା ଦଳକୁ ନିମନ୍ତ୍ରଣ ଦିଆଯାଉ। କରଣେ କହିଲେ, ଗଲା ସନ ଭଞ୍ଜନଗରିଆ ଆସି ଯୋଉ ନାଟ କରିଗଲେ, ଆଉ ସେଇ ନାଟ ଦେଖିହେବନି। ପଛରୁ କିଏ ଗୋଟେ କହିଲା, ଥାଉ ସେ ରାଧା ପ୍ରେମଲୀଳା, ଏଥର ରାମାୟଣ ନାଟକ ଆସିବ। ବଳିଆ କହିଲା, 'ଆରେ ସବୁ ବର୍ଷ ଯାହା ହେଉଛି ନା। କହିଲା ରାମାୟଣ ନାଟକ ! ଜାଣିଛୁ କେତେ ଟଙ୍କା?'

ପ୍ରତିବର୍ଷ ଗାଁରେ ନାଟ, ମାଘମାସ ପୂର୍ଣ୍ଣମୀରେ ହୁଏ। ସବୁବର୍ଷ ସେଇ ଏକା ଏକା ରାଧା ପ୍ରେମଲୀଳା ନାଟକ ଆସେ, କାର୍ଜି କରଣ ଦୁଆରେ ଚାନ୍ଦୁଆ ପଡେ ଆଉ ନାଟ ହୁଏ। ସେ ନାଟ ଦେଖିବା ପାଇଁ ଆଖପାଖ କୋଡିଏ ଖଣ୍ଡ ଗାଁରୁ ହଜାର ହଜାର ଲୋକ ଆସନ୍ତି। ଦି ଦିନ ଧରି ନାଟ ହୁଏ। ଆଜି ଦିନ ଦଶଟାରେ ଆରମ୍ଭ ହେବା ନାଟ, ଆସନ୍ତା ଦିନ ଦଶଟାରେ ଯାଇ ସରିଥାଏ। ଗାଁର ସବୁଠୁ ବଡ ମେଳଣ। ରାଧା ପ୍ରେମଲୀଳାରେ ରାଧା କୃଷ୍ଣ ବେଶଧାରୀ ପିଲା ଗୁଡାକ ନିଦରେ ଶୋଇଯାଆନ୍ତି, ନାଟ ମାଷ୍ଟ୍ରେ ଅଜାଣତରେ ସରୁ ଚିମୁଟା ଦେଇ ଦେଇ ଜଙ୍ଘରେ ଦାଗ କରିଦେଇ ପକାନ୍ତି। କରଣେ ନାଟ ମଝିରେ ଯାଇ, ସେମାନଙ୍କୁ କମଳାକୋଳ ଚକୋଲେଟ୍ ଦେଇ ଆସନ୍ତି। ନାଟ ମଝିରେ କୃଷ୍ଣ ବେଶ ପଡିଥିବା ପିଲା ରାଧା ମନ ମୋହିବାକୁ କେତେ କେତେ ବେଶ ପଡିଥାଏ, ଆଉ ସେଇ ସମୟରେ କେତେବେଳେ ଶୁଆ ବିକା, କେତେବେଳେ କାଚରା ତ କେତେବେଳେ ଅଳତା ଲଗେଇବା ବେଶ ପଡି କାର୍ଜି କରଣ ଘର ଭିତରେ ଥିବା ସ୍ତ୍ରୀ ଲୋକମାନଙ୍କ ଠାରୁ ଭଲ ପାଉଣା ପାଆନ୍ତି। ନାଟ ଦେଖିବା ଲୋକ ଯେତିକି ସବୁ ଘରେ କୁଣିଆ। ଗାଁରେ ସବୁଠୁ ବଡ ଗହଳ ଚହଳ ଦିନ।

ହେଲେ ସଭା ଚାଲିଥିବା ବେଳେ ଗାଁ ଟୋକାଙ୍କ ରାମାୟଣ ନାଟକ ଦେଖିବା ଜିଦ୍, ଆଉ କେହି କେହି ରାଧା ପ୍ରେମଲୀଳା ଦେଖିବା ମନା କରିବା ଯୋଗୁଁ ଅବ୍ୟବସ୍ଥା ଦେଖାଦେବା ପୂର୍ବରୁ କରଣେ କହିଲେ, 'ଶାନ୍ତି ଶାନ୍ତି'। ସବୁ ଚୁପ୍ ହୋଇଗଲେ। ବଳିଆ କହିଲା, 'ଯଦି ଆପଣ କହିବେ ବୋଇଲେ ଏବେ ଏକା ନିମିନା ପାର୍ଟିକୁ ଖବର ଦେଇଦେବି। ସେ ଗାଁ ନାଟମାଷ୍ଟ୍ର ମୋତେ ଜଣା।' ପଛରୁ ଚାରେଣୀ କହିଲା, 'ମାଷ୍ଟ୍ରେ ଖାଲି ରାମାୟଣ ନାଟ ଆସିଲେ ହେବନି, ସାଥିରେ ରେକଡ୍ ଡାନ୍ସ ଆସିବାକୁ ପଡିବ।'

କରଣେ ଚିହିଁକି ଉଠି କହିଲେ, 'ଥାଉରେ ପୁଅ, ତୋ ବୋପା କେବେ ଦେଖିଥିଲା?' କିନ୍ତୁ କୋଳାହଳ ବଢିବା ସହ ଦିଣ୍ଡା ହୁଣ୍ଡା ମାନଙ୍କ ଜିଦ୍ ବି ବଢିଲା, ଆଉ ଶେଷରେ କାର୍ଜି କହିଲେ, 'ଯଦି ଆମ ପିଲେ ଏତେ ଜିଦ୍

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଦ୍ୱିତୀୟ ବର୍ଷ
ଦଶମ-ଏକାଦଶ ସଂଖ୍ୟା
Vol: 2 Issue: 9
November-December 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
ଆହ୍ୱାନ

କରୁଛନ୍ତି, ସେପରି ହିଁ ହେଉ।' ସାମାନ୍ୟ ହସିଦେଇ କରଣଙ୍କୁ କହିଲେ, 'କୋଉ ଆମ ବୋପା ଜେଜେ ଦେଖିଥିଲେ ହେ, ଚାଲ ଦେଖିବା କଣ ସେ ଜିନିଷ, ଯାହା ପିଲା ମାନଙ୍କୁ ଏତେ ଭଲ ଲାଗିଚି।' କରଣେ କହିଲେ, 'ଭାଇନା, ତୁମେ ବୁଝୁନ। ସେ ରେକଡ ଫେଂକଡ୍ କିଛି ହେବନି। ଆମ ଗାଁ ଦାଣ୍ଡଟାକୁ ଅପବିତ୍ର କରିଦେବେ ହେ।' କାର୍ଜି କରଣ ବାକ୍ୟାଳାପ ଭିତରେ ସମସ୍ତେ ଚୁପ୍ ହେଇଗଲେ। ଶେଷରେ କରଣେ କହିଲେ, 'ଭାଇନା, ତୁମେ ଜିଦ୍ କରୁଚ ବୋଲି ହଁ କଲି ନହେଲେ। ମାତ୍ର ଯଦି ଗାଁ ଦାଣ୍ଡରେ ରେକଡ୍ ଡେନ୍ସ ନାଁରେ କିଛି ଅଘଟଣ ଘଟିଲା, ହେଲେ ଦାୟୀ ତୁମେ ରହିବ।'

ସଭା ସରୁ ସରୁ ସଞ୍ଜ ହେଇଗଲା। ପୋଖରୀ ହୁଡାରେ କଥା ହେଉ ହେଉ ଚାରେଣୀ କହିଲା, 'ମାଷ୍ଟ୍ର (କରଣ) ଶ.... ଟା କେବେ ଉଧେଇବନି। ତା ବୋପା ଦଦା କଣ ଦେଖିଲେ ନ ଦେଖିଲେ, ଆମର କିସ ଯାଉଛି। ଆମେ ତ ଦେଖିବୁ। ଶଃ କହିଲା କଣ ନା ରେକଡ୍ ଡେନ୍ସ ହବନି!!!' ହେଲେ କାର୍ତ୍ତିକ ପୂର୍ଣ୍ଣିମାରେ ଧେ। କ। ଖାଇଥିବା କେତେ ଟୋକା କରଣ ସପୋର୍ଟରେ କହିଲେ, 'ନାଇଁ ବେ ତୁ ଶଃ କିଛି ଜାଣିନୁ। କରଣ କଥାରେ ନିଶ୍ଚୟ କିଛି ଗୋଟେ ଥିବ। ନଇଲେ ସେ ଗାଁ କରଣ ହେଇଥାନ୍ତା କିରେ।' ଏମିତି ଝିକା ଓଟରା ଭିତରେ ଚର୍ଚ୍ଚା ପଡିଲା, ନାଟ ପାର୍ଟି ଆସିବେ କୋଉଠୁ। ବଳିଆ ଆସୁଥିବା ଦେଖି ଚାରେଣୀ କହିଲା, 'ଭାଇନା, ଇୟେ ଟିକେ ଆସୁନ। ପିଲେ ପଚାରୁଛନ୍ତି, ନାଟ ପାର୍ଟି କୋଉଠୁ ଆସିବ?' ବଳିଆ କହିଲା, 'ସେକଥା ମୋତେ ପଚାରେନା। ସଞ୍ଜରେ ମଠଘରେ ସଭା ବସିଲେ କରଣେ ଯାହା କହିବେ।'

କରଣ ନାଁ ଶୁଣି, ଚାରେଣୀ ଚିଡି ଉଠି କହିଲା, 'ଶଃ ଏଇ କରଣ ଟାକୁ କୋଉଦିନ ଏକା ପାଇଲେ, ଦେବି ଯେ ବୋପା ନାଁ ଭୁଲିଯିବ। ଶଃ ସବୁକଥାରେ ଆକଟ। ତୁ ବୁଢା ହେଲୁଣି ବୋଲି ଆମେ ତ ପିଲା।' ବଳିଆ କହିଲା, 'ଥାଉ, ତୋ ବହପ ଆଉ ଦେଖାନା। କରଣକୁ ଦେଖିଲେ ଏଇଠି ମୁତି ପକେଇବୁ।' ସମସ୍ତେ ହସିଲା ବେଳେ ବଳିଆ କହିଲା, 'ଯା, ତାଳଧରି ବନ୍ଧହୁଡାରେ ବସିବୁ। ଜଲଦି କାମ ସବୁ ସାରି ଚାଲରେ ପିଲେ, କୋଠଘରେ ବସିବା। ରାମାୟଣ ନାଟ ଦେଖିବ ପରା!!!'

ସଞ୍ଜ ବେଳକୁ କୋଠଘରେ ନିଷ୍ପତ୍ତି ହେଇଗଲା, ସାନ ନିମିନା ଆଉ କଙ୍କରଡା ଦଳ ରାମାୟଣ ନାଟ ପାର୍ଟିକୁ ଖବର ଦିଆଯାଉ। ସବୁ ପିଲା ବୁଢା ଖୁସ। ନବା ଦିଗିତ କହିଲା, 'ସବୁ ବରଷ ସେଇ ପେମଲୀଳା ଦେଖି ଦେଖି ବିଜାର(ବିରକ୍ତ) ଲାଗୁଥିଲା, ଯା ହେଉ, ଏଇ ଟୋକାଟାକଳିଆଙ୍କ ଯୋଗୁଁ ଏ ବରଷ ରାମାୟଣ ଦେଖିବା। ଦେଖିବା ନିମିନା ହନୁମାନ ବେଶୀ ଡେଉଁଚି କି କଙ୍କରଡା। ଆଉ ଗୋଟିଏ କଥା ବାକିଥିଲା। ରାମାୟଣ ନାଟ ପାଇଁ ପଇସା ଆସିବ କୁଆଡୁ (କେଉଁ ଠାରୁ)? କୋଠଘରୁ ଟଙ୍କା ଖର୍ଚ ସବୁ ବର୍ଷ ଭଳି ହେବ ମାତ୍ର ରାମାୟଣ ନାଟ ଚାରି ହଜାର ଟଙ୍କା। ଆଗ ବର୍ଷଠୁ ଡବଲ। ପିଲେ କହିଲେ, ଏ ବର୍ଷ ସପ୍ତାହେ ଆଗରୁ ବେଶ ବାହାର କରିବା। ଗାଁ ରୋଡରେ ଯେତେ ବସ ଯାଉଛି, ସବୁଠୁ ପଚାଶେ ପଚାଶେ ରଖିଲେ ବି ଆମ ପଇସା ବାହାରି ପଡିବ। ଆଉ ସୁରାଟ ଯେତେ ପିଲା ଯାଇଚେନ୍ତି, ସେମାନେ ଶହେ ନେଖା ଦେବେ। କଥାଟା ସମସ୍ତଙ୍କ ମନକୁ ପାଇଲା। କାର୍ଜି କହିଲେ, 'ଦେଖ ପିଲେ ସାତ ଦିନ ଆଗରୁ ବେଶ କାଡିବ କହୁଚ ଯେ, ମାତ୍ର କିଛି ଗଣ୍ଡଗୋଳ ଯେମିତି ହେବନି।' ବାସ ସଭା ଭାଙ୍ଗିଲା।

ଡା ଜ୍ୟୋତି ପ୍ରସାଦ ପଟନାୟକଙ୍କ ପ୍ରତ୍ୟକ୍ଷ୍ୟ ତତ୍ତ୍ୱାବଧାନରେ ସଂପାଦିତ ଓ ପ୍ରକାଶିତ

ଦ୍ୱିତୀୟ ବର୍ଷ
ଦଶମ-ଏକାଦଶ ସଂଖ୍ୟା
Vol: 2 Issue: 9
November-December 2007
ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
ଆହ୍ବାନ

ଗାଁ ଦାଣ୍ଡରେ ପିଲେ ବେଶ ପଡି ଚାନ୍ଦା ମାଗିଲେ। କିଏ ବୁଡି ଭିକାରୁଣୀ ବେଶ ପଡିଲା ତ କିଏ ଚଣ୍ଡୀ ବେଶ। କିଏ ରାଧା କୃଷ୍ଣ ତ କିଏ ଶିବ ବେଶ ପଡିଲେ। ହେଲେ ସବୁଠୁ ବେଶୀ ମଜା ହୁଏ ବାଘ୍ୟାବାଘ୍ୟାଣୀ ବେଶରେ। ଦିନ ଦୁଇଟା ବିତିଗଲା। ସଞ୍ଜକୁ କୋଠଘରେ ବସି ଦେଖିଲା ବେଳକୁ ହାତକୁ କିଛି ଖାସ ପଇସା ଆସିନି। ବସବାଲା ପଚାଶ ଦେବାକୁ ମନା କରିଦେଲେ। ଦିଟା ବସ ରୁଟ୍ ବାତିଲ୍ କରିବା ଧମକ ଦେଇଗଲେ। କେମିତି ହେବ। ସବୁ ଚିନ୍ତାରେ ପଡିଲେ। ଶେଷରେ ହୀନ କହିଲା, କାଲି ଦେଖିବ ସମସ୍ତେ ମୁଁ କେମିତି ବେଶି ପଇସା ଆଣିବି।

ପରଦିନ ସକାଳୁ ହୀନ ପୋଲିସ ବେଶ ପଡି ଗାଁ ବସଷ୍ଟାଣ୍ଡରେ ଠିଆ ହେଲା। ସକାଳୁ ସକାଳୁ ସାତ ଆଠଟି ଗାଡି ପଚାଶ ପଚାଶ ଦେଇ ପଳେଇଲେ। ଦିନ ଏଗାରଟା ବେଳକୁ ରତନପୁର ଥାନା ଗାଡି ଲାଗିଲା ଆଉ ଦେଖୁ ଦେଖୁ ହୀନକୁ ଗାଡିରେ ପକେଇ ଚାଲିଗଲା। ଗାଁ ସାରା ହୁରି ପଡିଲା, ହୀନକୁ ଥାନା ନିଆ ହେଇଛି। ସବୁ ଟୋକା ଟାକଳିଆ ମିଶି ଥାନା କୁ ଗଲେ। ବୁଝାମଣା ହେଲା ଆଉ ଥାନାବାବୁଙ୍କ ପକେଟ୍‌ରେ ଗରମ ନୋଟ୍ ଗଣ୍ଡେ ପକେଇ ହୀନକୁ ଫେରାଇ ଆଣିଲେ। ଯାହା ଆୟ ହେଉଥିଲା ତା'ଠୁ ଅଧିକ ବ୍ୟୟ ହେଇଗଲା। ମାତ୍ର ଯା ହେଉ ହପ୍ତା ଶେଷ ହେଉ ହେଉ ଖାସ ପଇସା କିଛି ଆୟ ହେଇ ଯାଇଥିଲା। ଗାଁରେ ସାଇକେଲ୍ ଷ୍ଟାଣ୍ଡ ଆଉ ମିଠା ଦୋକାନ, ଖଜା ଦୋକାନ, କଣ୍ଢେଇ ଦୋକାନୀ ଆଦି ପକାଇବା ପାଇଁ ଟଙ୍କା ଦେବାକୁ ହେବ ବୋଲି କରଣେ ଘୋଷଣା କଲେ। କହିଲେ ଏହି ବର୍ଷ ରାମାୟଣ ନାଟ ଆସୁଛି, ମାନେ ଆଖପାଖ ତିରିଶି ଖଣ୍ଡ ଗାଁ ଲୋକ ଆସିବେ, ସେମାନଙ୍କ ସାଥୀରେ ଖଜା, ମିଠା, ରାଗଚଣା, ଜଳପାନ, ଖେଳନା, ମଲେଇ ଆଦି କେତେ ଦୋକାନ ସବୁ ହେବ। ସମସ୍ତଙ୍କଠାରୁ ପଇସା ନିଆଯିବ।

ନାଟ ପୂର୍ବଦିନ ଦୋପହରକୁ ବିଭିନ୍ନ ବେଶ ଏକ ସାଥୀରେ ବାହାରିବେ ବୋଲି ଗାଁ ସ୍କୁଲ୍ ସବୁ ଦିନ ଅଧାରୁ ବନ୍ଦ ହୋଇଗଲା। ପିଲେ ଘରକୁ ଆସି ଦୋହଡା (ଦ୍ୱିତୀୟ ଥର) ଖାଇ ଗାଁ ମଣ୍ଡପ ପାଖରେ ଯାଇ ହାଜର ହେଇଗଲେ। ସବୁ କହୁଥାନ୍ତି, ଏଇ ଆସିଲା ଏଇ ଆସିଲା, ମାତ୍ର କେହି ଆସୁନଥିଲେ। ଦିନ ଦି ଟା ବେଳକୁ ପ୍ରଥମେ ହନୁମାଙ୍କଡ ବେଶରେ ଆସିଲା, ହରିଆ। ଯୋଉ ଡିଆଁ ଡେଇଁଲା, ଆଖି ଲିଭିଗଲା। କା ନଡିଆ ଗଛରେ ଦେଖୁ ଦେଖୁ ଚଡିଗଲା ଆଉ ଗଛରୁ ନଡିଆ ତୋଳି ନିଜ ଦାନ୍ତରେ ଛଡେଇ ପକେଇ ମୁଣ୍ଡରେ ଭାଙ୍ଗି ଖାଇଲା। ଆଉ ପରେ ପରେ ଆସିଲା ଚେମ୍ପୁଡୁ ପାଳ। ତା ବେଶକୁ ଦେଖି ପିଲେ ଡରିଗଲେ। ଅଣ୍ଟାରେ ଦଉଡି ବନ୍ଧା ହେଇଥିଲା ଆଉ ପଛରୁ ଚାରି ଚାରି ଜଣ ଦିଣ୍ଡା ଟୋକା ତାକୁ ଧରିଥିଲେ। ଗାଁ ଦାଣ୍ଡରେ କଞ୍ଚା କୁକୁଡାର କଳି ମୋଡି ଖାଇଲା। ସଞ୍ଜ ହୋଉ ହୋଉ ସବୁ ବେଶ ବନ୍ଦ ଆଉ ଗାଁ ଦାଣ୍ଡରେ ନାଟ ପାର୍ଟି ଶଗଡ ଲାଗିଲା। କରଣ ଦୁଆରେ ନିଜ ଦଳକୁ ନାଟ ଦେଖାଇବା ପାଇଁ ଜିଦ୍ କଲେ। କିମ୍ବଦନ୍ତୀ ଅଛି କରଣ ଦୁଆରେ ଯୋଉ ନାଟ ପାର୍ଟି ନାଟ କରନ୍ତି ଶେଷରେ ସେମାନେ ହିଁ ସବୁଠୁ ବେଶୀ ପଇସା ପାଆନ୍ତି। ଆଉ ଭଲ କରନ୍ତି। କାର୍ଜି କରଣେ କାଗଜ ଉଡେଇ (ଦୁଇଟି କାଗଜରେ ଦଳର ନାଁ ଲେଖି କିଏ କୋଉଠି ଖେଳିବ ତାହା ନିର୍ଦ୍ଧାରଣ କରିବା) କୋଉ ଦଳ କୋଉଠି ନାଟ କରିବେ କହିଦେଲେ।

ରାତି ଦଶ ବେଳକୁ କରଣ ଆଉ କାର୍ଜି ଦୁଆରେ ଦି ଥଳ ନାଟ ପାର୍ଟି ମଞ୍ଚ ଲଗେଇଲେ। ସକାଳ ପହରୁ

ଦ୍ୱିତୀୟ ବର୍ଷ
ଦଶମ-ଏକାଦଶ ସଂଖ୍ୟା
Vol: 2 Issue: 9
November-December 2007
ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
ଆହ୍ୱାନ

ଗାଁ ହୁଲସ୍ଥୁଲ। ପାଖାପାଖି ତିରିଶି ଖଣ୍ଡ ଗାଁରୁ ଲୋକ ଆସିବା କଥା ଚିନ୍ତା କରିଥିଲେ ମଧ୍ୟ ଆହୁରି ଅଧିକ ଗାଁରୁ ଲୋକ ଆସିଲେ। ଗାଁ ଦାଣ୍ଡରେ ସବୁଠୁ ବଡ ବିପଣୀ (ବେପାର) ଚାଲିଲା। ଘରେ ଘରେ କୁଣିଆ ଗହଳି। ଯିଏ ଯାହା ଘରେ ପଶିଲେ ବି କେହି କିଛି କହିଲେ ନାହିଁ। ସବୁ ଦୁଆରକୁ ଗୋବର ଲିପି ସଫା କରି ରଖିଥିଲେ ଗାଁ ସାରା। ଗାଁର ଏହି ଗୋଟିଏ କଥା ପାଇଁ ତ ଆମ ଗାଁ ଗର୍ବ କରୁଚି ନା। ଏଇଠି ସମସ୍ତେ ନିଜର। ସମସ୍ତେ ଭାଇନା, ମଉସା, ଅଜା ଆଉ କକା। କେହି ପର ନାହିଁ। ଘରେ ଘରେ ପିଠାପଣା ଦିଆନିଆ ଚାଲିଲା। ପାଖ ଗାଁରୁ ବେଶି ଲୋକ ଆସିଗଲେ। ସକାଳୁ ସକାଳୁ ଆସି ଯିଏ ଯାହା ଘର ଜାଣିଛନ୍ତି, ପହଞ୍ଚିଗଲେ। ଗାଁ ରେ ଖାଲି ପୋଡପିଠା ଏଣ୍ଡିରି ଆଉ ଚିତଉ, ଚକୁଳିର ବାସ୍ନା ବାସିଲା।

ଗାଁ ଟୋକା ଦଳ ଛାତିରେ ଭଲେଣ୍ଟିର (ଭଲ୍ୟୁଣ୍ଟର) ଚିଠା ଲଗେଇ ଠେଙ୍ଗା ଗୋଟେ ଗୋଟେ ଧରି ପହରା ମାରିଲେ। କରଣ ଦୁଆରେ ଚଉକି ପକେଇ ବଡ କରଣ ସାନ କରଣ ପିଲା କବଲାଙ୍କୁ ଧରି ବସିଲେ। ଖଣି ପଡିଥିବାଯୋଗୁଁ ଖଣି ଉପରେ ପଟି ପକେଇ କୋଡିଏ ପାଖାପାଖି ଲୋକ ବସିପଡିଲେ। କାର୍ଜି କହିଲେ ପୁରୋହିତଙ୍କୁ ପୂଜା ଆରମ୍ଭ କରିବା ପାଇଁ, ଆଉ ପୂଜା ଘରେ ଦୀପ ଜଳେଇ ପୁରୋହିତ ନାଟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଲେ। ଦଶଟା ବେଳକୁ ନାଟ ଆରମ୍ଭ ହେଲା।

ଦି ଦି ଥଳ ରାମାୟଣ ନାଟକ ର ମାଇକ୍‌ର ଆୱାଜ୍ ପାଖାପାଖି ଦଶ କୋଶ ଯାଏଁ ଶୁଭିଥିବ ପରା। ଘଣ୍ଟାଏ ଭିତରେ ଗାଁରେ ଆହୁରି ଅଧିକ ଦର୍ଶକ ଆସି ପହଞ୍ଚିଗଲେ। ଗାଁ ଦାଣ୍ଡ ଖାଲି ଉଠିଲା ପଡିଲା। କାର୍ଜି କରଣ ନିଜେ ବୁଲି ବୁଲି ସବୁ ଲୋକଙ୍କ ଅସୁବିଧା କଥା ବୁଝିଲେ। ରାମ ଜନ୍ମ ହେବା ପର୍ବ ନାଟରେ ଦେଖିଲା ବେଳକୁ ହୁଳୁହୁଳିରେ ଗାଁ ଦାଣ୍ଡ ପ୍ରକମ୍ପିତ ହେଲା। ଓଡଣା ତଳୁ ଗାଁର ସ୍ତ୍ରୀ ଲୋକମାନେ ଯୋଉ ହୁଳୁହୁଳି ଦେଲେ ତାହା ଦେଖିବା ଯୋଗ୍ୟ ଦୃଶ୍ୟ ଥିଲା। ରାମ ଜନ୍ମ ସରୁ ସରୁ, ଗାଁର ନାଟ ପ୍ରେମୀ ନବା ଦିଗିତ ଷ୍ଟେଜ୍ ଉପରକୁ ଆସି ଉପହାର ଦେଖା କଥା ଘୋଷଣା କଲା। ' ମୋ ପ୍ରିୟ ଦର୍ଶକବୃନ୍ଦ, ଆଜିର ଆମ ଗାଁ ମଝିରେ କରଣ ଦୁଆରେ ହେଉଥିବା ସାନ ନିମିନା ଥଳର ରାମାୟଣ ନାଟକର ରାମଜନ୍ମ ଦୃଶ୍ୟରେ ଆନନ୍ଦିତ ହୋଇ ମୁଁ ଏହି ଗ୍ରାମ ନିବାସୀ ନବା ଦିଗିତ ରାଣୀ କୌଶଲ୍ୟ ପାଟ୍ କରିଥିବା କଳାକାରଙ୍କୁ ଏକଗୋଟି ଭାରତୀୟ ମୁଦ୍ରା (ଏକ ଟଙ୍କା) ପ୍ରଦାନ କରୁଛି। ଆପଣ ମାନେ ସଦୟ କରତାଳି ଦେଇ କଳାକାରଙ୍କ ଉତ୍ସାହ ବଢାନ୍ତୁ। ଜୟ କଳା।' ଏଇମିତି ନାଟ ଚାଲୁଥିବା ସମୟରେ ଏବଂ ବେଳେ ବେଳେ ଅସମୟରେ ମଧ୍ୟ ନାଟକୁ ଅଧାରେ ରଖି ଏମିତି ଉପହାର ଓ ପ୍ରୋତ୍ସାହନ ଦେବାର କାର୍ଯ୍ୟକ୍ରମ ଚାଲୁରହିଲା। ସୀତା ବିବାହ ଦୃଶ୍ୟ ବେଳେ, ଗାଁର ବୁଢିଆ ପଧାନ ସୀତାରୋଲ୍ କରିଥିବା ଲୋକକୁ ଧୋତିଟେ ଉପହାର ଦେବାର ଦୃଶ୍ୟ ଅତ୍ୟନ୍ତ ଆମୋଦକର ହୋଇଥିଲା।

ନାଟ ଆରମ୍ଭ ହେଇ ଚାରିଘଣ୍ଟା ହେଲା। ଏବେ ଆସିଲା ରେକଡ୍ ଡେନ୍‌ସ୍। ସବୁ ଲୋକ ଚୁପ୍‌ଚାପ ବସିଗଲେ। ଆମ ଗାଁ ଦାଣ୍ଡରେ ଏଇଟା ପ୍ରଥମ ଥର ହେଉଥିଲା। ଦି ଥଳ ପାଖାପାଖ ପଚାଶ ଫୁଟ୍ ଦୂରରେ ଥିଲେ ବି ସେମାନଙ୍କ ମଝି ଯାଗାରେ କେହି ଠିଆ ହୁଅନ୍ତି ନାହିଁ, କାରଣ ଏଠାରେ ନାଟ ସହିତ ଏକ ସ୍ୱାସ୍ଥ୍ୟକର

ଦ୍ୱିତୀୟ ବର୍ଷ
ଦଶମ-ଏକାଦଶ ସଂଖ୍ୟା
Vol: 2 Issue: 9
November-December 2007
ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
ଆହ୍ୱାନ

ପ୍ରତିଯୋଗିତା ବି ଥାଏ। ଯେମିତି କରଣ ଦୁଆରେ ରେକ୍ଡ ଡେନ୍ସ ଆରମ୍ଭ ହେଲା କାର୍ଜି ଦୁଆରେ ବି ଜିଦ୍ ରେ ରେକଡ୍ ଡେନ୍ସ ଆରମ୍ଭ ହେଲା। ହିନ୍ଦି ଗୀତର ତାଳେ ତାଳେ ଅର୍ଦ୍ଧ ନଗ୍ନ ପ୍ରାୟ ନାୟକ ନାୟିକାର ନାଚ ଦେଖି ଲୋକମାନଙ୍କ ମଧ୍ୟରେ ଏକ ଚାପା ଗୁଞ୍ଜରଣ ସୃଷ୍ଟି ହେଲା। ଏମିତି କା ନାଚ ହେବ ବୋଲି କିଏ ଭାବିନଥିଲେ। ପୁରା ଜବରଦସ୍ତ କାଂପିଟିସନ୍ ଯୋଗୁ ଦି ଥଳ ମଧ୍ୟରେ ଝଗଡା ଆରମ୍ଭ ହେବା ଦେଖି ରେକଡ୍ ଡେନ୍ସ୍ ସେତିକିରେ ରହିଲା, ଆଉ ନାଚ ପୁଣି ଆରମ୍ଭ ହେଲା।

ରାବଣ ସୀତା ହରଣ ଦୃଶ୍ୟ ହେବ ବୋଲି ଘୋଷଣା ହେଲାବେଳକୁ ଓଡଣା ଟେକି ଗାଁ ସ୍ତ୍ରୀରିଟିଏ ଆଖିରୁ ଲୁହ ପୋଛୁ ପୋଛୁ କହିଲେ, ସେ ରଇଜଳା, ରାବଣକୁ କିଏ କହିଲା ସୀତା ଭଳିଆ ମାଇପିଟାକୁ ନେବାକୁ। ତାକୁ ଆଉ କିଏ ମିଳୁନଥିଲେ। ହଇରେ ସେଇ କର୍ମପେଇଁ ତ ଲଙ୍କା ଜଳିଲା, ପୁଏ ମଇଲେ, ଯା, ଯାହ ପାପ କରିବ ଏଇ ଜନ୍ମରେ ଏକା ଫଳିବ ଲୋ ସର୍ଜିନୀ।' ତା' ପାଖରେ ବସିଥିବା ସରୋଜିନୀ କହିଲା, 'ଆଉ ନାଇଁ ତ କିସ ଲୋ ନଖୀ(ଲକ୍ଷ୍ମୀ)। କଇଲା ଭଳିଆ ପାପ କଇଲେ କିଏ ପୁଣ୍ୟ ପାଇଚି କିବା?' ରାବଣ ସୀତାକୁ ହରଣ କଲା, ଗାଁ ମାଇପେ କାନ୍ଦିଲେ। ଲୁହ ପୋଛି ପୋଛି କାର୍ଜିଘର ବୁଡି କହିଲା, 'ହେ ଧର୍ମ, ହେ ବିଧାତା, ତୁ କୋଉଠି ଅଛୁ? ଦେଖ କେତେ ଅନ୍ୟାୟ ହେଉଚି ଦେଖ।'

ହନୁମାନ ଆସିବା ଦୃଶ୍ୟ ବେଳକୁ ସବୁ ସାବଧା ହେଇଗଲେ। କାରଣ ନାଚ ମାଷ୍ଟ୍ରେ ମାଇକ୍ ଧରି କହିଲେ, ଆମ ଗାଁ ହନୁମାନ ସବୁଠୁ ବେଶୀ ନଡିଆ ଖାଇବ, କଙ୍କରଡା ନାଚ ମାଷ୍ଟ୍ରେ କହିଲେ ଆମ ଗାଁ ହନୁମାନ ବେଶୀ ଖାଇବ। ବାସ୍ ଜିଦାଜିଦ୍ ବଢିଲା। ଦିଟା ହନୁମାନଙ୍କ ଯୁଦ୍ଧରେ ଗାଁ ଦାଣ୍ଡରେ ଯେତେ ନଡିଆ ଗଛ ଥିଲା ସବୁ ଲଣ୍ଡା ହେଇଗଲା। ଦାନ୍ତରେ ନଡିଆ ଛାଡିବା, ମୁଣ୍ଡରେ ପିଟି ଭାଙ୍ଗିବା ପାଇଁ ସେମାନଙ୍କୁ ଅଧିକ ଟ୍ରେନିଂ ଦିଆଯାଇଥିଲା ବୋଧହୁଏ। ସେ ଯା ହେଉ ଲଙ୍କା ପୋଡି ଦୃଶ୍ୟ ଆରମ୍ଭ ହେଲା, ଆଉ ହନୁମାନ ପିଠିରେ ବାଣ ବାନ୍ଧି ନିଆଁ ଲଗେଇଦେଲା ପରେ ସେ ଡେଇଁ ଡେଇଁ ଲଙ୍କ ପୋଡିକଲା। ସେତେବେଳକୁ କାର୍ଜି ଦୁଆରେଥିବା ହନୁମାନ ଲଙ୍କା ଯିବାକୁ ଆରମ୍ଭ କରୁଥିଲା। ଯେତେବେଳେ କାର୍ଜି ଦୁଆରେ ଲଙ୍କା ପୋଡି ହେବ ବୋଲି ଘୋଷଣା ହେଲା, କରଣ ଦୁଆରେ ନାଚ ମାଷ୍ଟ୍ରେ କହିଲେ ଆମେ ଆଉଥରେ ଲଙ୍କାପୋଡି କରିବା। ବାସ ନାଟକୁ ଅଧାରେ ରଖି ପୁଣି ଥରେ ପଛକୁ ଫେରି ଲଙ୍କା ପୋଡି କରାଗଲା।

ରାମ ସୀତାଙ୍କୁ ଉଦ୍ଧାର କଲା ବେଳକୁ ସକାଳ ପାହିଗଲା। ଗାଁ ଦାଣ୍ଡରେ ଲୋକ ସେମିତି ଅପଲକ ନୟନରେ ବସି ନାଚ ଦେଖୁଛନ୍ତି। ସ୍ତ୍ରୀ ଲୋକମାନେ ହୁଳୁହୁଳି ଦେଲେ ଆଉ ନାଚ ସରିଲା। ଦିନ ଦଶଟା ବେଳକୁ ଦି ଥଳ ନାଚ ସାରିଲେ ଆଉ କାର୍ଜି କରଣେ ବସି କଥା ବାର୍ତ୍ତା ହେଇ ନାଟବାଲାଙ୍କୁ ପ୍ରାଇଜ୍ ଦେଲେ। କରଣ ଦୁଆର ନାଟକର ହନୁମାନ ଆଉ କାର୍ଜି ଦୁଆରେ ନାଟକର ରାବଣକୁ ପୁରସ୍କାର ଦିଆଗଲା, ଦଶ ଗୋଟି ଭାରତୀୟ ମୁଦ୍ରା।

ଦିପହର ହେଉ ହେଉ ଘୋ ଘୋ ହେଉଥିବା ଗାଁ ଦାଣ୍ଡ ମଶାଣି ଭଳି ଖାଁ ଖାଁ ଲାଗିଲା। ଗାଁ ସାରା ଲୋକ ନିଘୋଡ ନିଦ୍ରାରେ ଶୋଇପଡିଲେ। ନାଟ ପାର୍ଟିକୁ ପଇସାପତ୍ର ଦେଇ କାମ ତୁଟେଇ କାର୍ଜି କରଣେ ଖାଇବାକୁ ଗଲେ। ସଞ୍ଜବେଳକୁ ନିଶା ଘାରିଲା ଭଳିଆ ଗାଁ ଲୋକ ଏକାଠି ବସିଲେ। କରଣେ ଖର୍ଚ୍ଚର ହିସାବ ପଡିଲେ।

ଦ୍ୱିତୀୟ ବର୍ଷ
ଦଶମ-ଏକାଦଶ ସଂଖ୍ୟା
Vol: 2 Issue: 9
November-December 2007
ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
ଆହ୍ୱାନ

ଦେବାକୁ କେତେ ନେବାକୁ କେତେ। ଇତ୍ୟାଦି ଇତ୍ୟାଦି। ନାଟ ପାର୍ଟି ନେଲେ ଚାରି ଚାରି ଆଠ ହଜାର। ରେକଡ୍ ଡେନ୍ସ ବାଲା ନେଲେ ଚାରିଶ। ଲାଇଟ୍ ମାଇକ୍ ହୀନ ଗଉଡ ଦେଲା ତା ବାବଦକୁ ଆଠଶ। ଗାଁ ମୁଣ୍ଡରେ ଯୋଉ ତୋରଣଟା ହେଇଥିଲା ତା ବାବଦକୁ ଦେଢଶ। ନାଟପାର୍ଟି ଖିଆପିଆ ପାଇଁ ଦି'ଶ। ଇତ୍ୟାଦି ଅନ୍ୟାନ୍ୟ ଖର୍ଚ୍ଚ ମିଶେଇ ହେଲା, ନ' ହଜାର ଆଠ ଶହ ପଚିଶି ଟଙ୍କା ଆଠଣା। ଆଉ ଆୟ ହେଲା, କୋଠ ଘରୁ ପାଞ୍ଚହଜାର ଆଉ ଚାଉଳ ନାଟପାର୍ଟିର ଖିଆପିଆ ପାଇଁ। ବିଭିନ୍ନ ବେଶରୁ ମିଳିଲା, ତିନି ହଜାର ସାତଶ' ଅଶି। ଯାତ୍ରା ବେଳେ ଟିକସ ପାଉଣାରୁ ମିଳିଲା ଦି କୋଡି ତିନିଶ' । ସୁରାଟିଆ ମାନଙ୍କଠୁ ମିଳିଥିଲା ବାରଶ'। ଏମିତି ସବୁ ମିଶେଇ ହେଲା, ଦଶ ହଜାର ତିନିଶ' କୋଡିଏ ଟଙ୍କା। ମାନେ ନାଟ ସରିକି ବଳକା ହେଲା। ଚାରିଶ' ଚଉରାନବେ ଟଙ୍କା ଆଠଣା।

ଗାଁ ଲୋକ ଯା'ହେଉ ଭାରି ଖୁଶି। ଚାରେଣୀ କହିଲା ଆର ଥରକୁ ଭଲ ରେକଡ୍ ଡେନ୍ସ ଆଣିବା। କରଣେ କହୁଥିଲେ, 'ଥା' ରେ ପୁଅ ତୋ ଗୋଡ ଦିଟା ଭାଙ୍ଗି ଦେବି ଯେ ଗାଁ ଦାଣ୍ଡରେ ଚାଲିଲେ, ରେକଡ୍ ଡେନ୍ସ ଭଳିଆ ଲୋକ ଦେଖୁଥିବେ। ଗାଁ ଲୋକେ ହସୁଥିଲେ।

*ବିଗତ ଦୁଇବର୍ଷ ଧରି ନିରବଚ୍ଛିନ୍ନ ଭାବରେ ବିଶ୍ୱର କୋଣ ଅନୁକୋଣରେ ବସବାସ କରୁଥିବା ଅଗଣିତ ଓଡିଆ ଭାଇଭଉଣୀଙ୍କୁ ସଂପୂର୍ଣ୍ଣ ଓଡିଆରେ ଲିଖିତ ଏକ ପତ୍ରିକା ପଠନର ସୁଯୋଗ ଦେଇ ଆସୁଥିବା 'ଆହ୍ୱାନ'ର ଉତ୍ତରୋତର ଉନ୍ନତି ପାଇଁ ସାହାଯ୍ୟ କରନ୍ତୁ। ନିଜସ୍ୱ ଲିଖିତ ଲେଖା ସମେତ ଆର୍ଥିକ ସାହାଯ୍ୟ ଦିଅନ୍ତୁ। ଆପଣଙ୍କ ଦ୍ୱାରା ଦିଆଯାଇଥିବା ଆର୍ଥିକ ସାହାଯ୍ୟ ଆମକୁ ଆହୁରି ଅଧିକ ପ୍ରୋତ୍ସାହନ ଦେବ, ଏବଂ ଏହି ପତ୍ରିକାକୁ ସୁନ୍ଦର ଭାବରେ ଗଢିତୋଳିବାପାଇଁ ସାହାଯ୍ୟ କରିବ।*

# ଶ୍ରୀ ମହାପ୍ରସାଦ

ଶ୍ରୀ ନିର୍ମଳ ମିଶ୍ର

ଶ୍ରୀ ଜଗନ୍ନାଥ ପ୍ରଭୁମାନଙ୍କର ପ୍ରଭୁ ହୋଇଥିବାରୁ ମହାପ୍ରଭୁ। ଜଗତରୁ ସମସ୍ତ ପ୍ରକାର ଅନ୍ଧାର ଦୂର କରିବା ଲକ୍ଷ୍ୟରେ ତାଙ୍କ ମନ୍ଦିର ଉପରକୁ ଉଠୁଥିବା ଦୀପର ନାମ ମହାଦୀପ। ସମସ୍ତ ଅସହାୟ ଓ ନିରାଶ୍ରୟଙ୍କୁ ସାହାଯ୍ୟ କରିବାପାଇଁ ଜଗନ୍ନାଥଙ୍କ ପ୍ରସାରିତ ବାହୁ ମହାବାହୁ ଏବଂ ତାଙ୍କ ପ୍ରସାଦ ମହାପ୍ରସାଦ ଭାବରେ ପରିଚିତ। ଜଗନ୍ନାଥ, ଜଗନ୍ନାଥଙ୍କ ମନ୍ଦିର ପରି ପ୍ରଭୁଙ୍କର ପ୍ରସାଦ ମଧ୍ୟ ମହାପ୍ରସାଦ ପୂର୍ବରୁ ଶ୍ରୀ ଯୁକ୍ତ କରାଯାଇ ଶ୍ରୀ ମହାପ୍ରସାଦ ଆଖ୍ୟା ଦିଆଯାଇଛି। ଏହି ଶ୍ରୀ ମହାପ୍ରସାଦ ଆମର ଆଲୋଚ୍ୟ ପ୍ରସଙ୍ଗ।

ପ୍ରଥମେ ମହାପ୍ରସାଦ କାହାକୁ କୁହାଯାଏ ବ୍ୟକ୍ତ କରାଯାଉ। ଶ୍ରୀ ଜଗନ୍ନାଥଙ୍କ ନୈବିଦ୍ୟାନ୍ନ ଓ ପିଠାପଣାକୁ ମହାପ୍ରସାଦ କୁହାଯାଏ। ସଂଖୁଡି ଓ ଶୁଖିଲା ଭେଦରେ ମହାପ୍ରସାଦ ଦୁଇପ୍ରକାର। ଅବଡା, ଡାଲି, ଖେଚୁଡି, ଘିଅଅନ୍ନ, ବେସର, ମହୁର, ଶାଗ ପ୍ରଭୃତିଙ୍କୁ ସଂଖୁଡି ଓ ଖଜା, କାକରା, ଆରିସା, ଚକୁଳି, ଲଡୁ, ପୁଳି ପ୍ରଭୃତି ନିସଂଖୁଡି ବା ଶୁଖିଲା ମହାପ୍ରସାଦ ଭାବରେ ପରିଚିତ। ମହାପ୍ରସାଦର ଅନ୍ୟନାମ କୈବଲ୍ୟ। ଜୈନଧର୍ମର 'କେବଳ' ଶବ୍ଦରୁ 'କୈବଲ୍ୟ' ଆସିଥିବା ମତ କେତେକ ପଣ୍ଡିତ ବ୍ୟକ୍ତ କରିଥିବାବେଳେ ଆମ ଶାସ୍ତ୍ରୀୟ ପରଂପରା ଓ ବିଶ୍ୱାସରେ 'କୈବଲ୍ୟ' ଶବ୍ଦ ମୁକ୍ତିର ଉପାଦାନ ବା ପରମପଦାର୍ଥ ରୂପେ ଗୃହୀତ। ବ୍ୟାସକୃତ 'ଭାଗବତ'ରେ ଜଗନ୍ନାଥ କୈବଲ୍ୟପତି ରୂପେ ଆଖ୍ୟାୟିତ। ଶ୍ରୀ

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଦ୍ୱିତୀୟ ବର୍ଷ
ଦଶମ-ଏକାଦଶ ସଂଖ୍ୟା
Vol: 2 Issue: 9
November-December 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
ଆହ୍ୱାନ

ମହାପ୍ରସାଦ ବା ଅନ୍ନ ଶୁଖିଲା ପରେ 'ନିର୍ମାଲ୍ୟ'ରେ ପରିଣତ ହୁଏ। ଶ୍ରୀ ଜଗନ୍ନାଥଙ୍କୁ ନିବେଦିତ ଶୁଷ୍କ ମହାପ୍ରସାଦ, ଫୁଲ, ତୁଳସୀ, ଶିରକାପଡା, ଶାଢୀ ଶିରିପା ସବୁକୁ ନିର୍ମାଲ୍ୟ ଭାବେ ଶାସ୍ତ୍ର ପୁରାଣମାନଙ୍କରେ ଗ୍ରହଣ କରାଯାଇଥିଲେ ହେଁ ପ୍ରଭୁଙ୍କର ଅନ୍ନର ଶୁଖିଲା ରୂପ 'ନିର୍ମାଲ୍ୟ' ରୂପରେ ସର୍ବ ସାଧାରଣରେ ପରିଚିତ।

ସଂସାରରେ ସର୍ବତ୍ର ଠାକୁରମାନଙ୍କର ଭୋଗ ପ୍ରସାଦ ଭାବରେ ପରିଚିତ ହେଉଥିବାବେଳେ ଜଗତ ଠାକୁର ଜଗନ୍ନାଥଙ୍କର ପ୍ରସାଦ ମହାପ୍ରସାଦ ଭାବରେ ପରିଚିତ ହେବାର କାରଣ ସଂପର୍କରେ ଆଲୋକପାତ କରାଯିବା ଉଚିତ। ଶ୍ରୀ ଜଗନ୍ନାଥ ଧର୍ମ ଓ ସଂସ୍କୃତିର ବିଭିନ୍ନ ବିଭାବ ମତ ମତାନ୍ତର ଯୁକ୍ତ ହେବା ଭଳି 'ମହାପ୍ରସାଦ' ନାମ କରଣ ମଧ୍ୟ ଏଥିରୁ ମୁକ୍ତ ନୁହେଁ। ପଣ୍ଡିତ ମାନଙ୍କ ମତରେ ଷଡାଙ୍ଗ ସଂସ୍କାର ଦ୍ୱାରା ପ୍ରସ୍ତୁତ ହେଉଥିବାରୁ ସାଧାରଣ ପ୍ରସାଦ ନ ହୋଇ ମହାପ୍ରସାଦ ରୂପେ ଏହା ପରିଚିତ ହୁଏ। ଯଜ୍ଞାଗ୍ନିରେ ପାକ ହୋଇ, ଯନ୍ତ୍ର ଉପରେ ରଖାଯାଇ, ମନ୍ତ୍ରରାଜ ନୃସିଂହ ମନ୍ତ୍ରରେ ସଂସ୍କାର କରାଯାଇ, ଅଷ୍ଟାଦଶ, ଦ୍ୱାଦଶ, ଦଶ ଓ ଭୁବନେଶ୍ୱରୀ ମନ୍ତ୍ରରେ ଠାକୁର ମାନଙ୍କୁ ଅର୍ପଣ କରାଯାଉଥିବାରୁ ଏହା ମହାପ୍ରସାଦ ନାମ ଧାରଣ କରିଥାଏ। ସର୍ବାଜନାଦୃତ, ସର୍ବପ୍ରଚଳିତ ମତଟି ହେଉଛି, 'ମା' ପ୍ରସାଦରୁ ମହାପ୍ରସାଦ ନାମକରଣ। ପାକ ଓ ନୈବେଦ୍ୟ କାର୍ଯ୍ୟ ସମାପନ ପରେ, 'ମା' ବିମଳାଙ୍କୁ ଅର୍ପିତ ହୋଇ ଆଲୋଚ୍ୟ ପ୍ରସାଦ ମହାପ୍ରସାଦ ପଦବାଚ୍ୟ ହୋଇଥାଏ। କେବଳ ବିମଳା ନୁହନ୍ତି, ମହାପ୍ରସାଦ ସହିତ ତିନିଜଣ 'ମା' ସଂପୃକ୍ତ। ମହାଲକ୍ଷ୍ମୀ ଏହାକୁ ପାକ କରନ୍ତି। 'ନୀଳାଦ୍ରି ମହୋଦୟ'ରେ ଅଛି;

*'ଯତ୍ରାନ୍ନ ପାଚିକା ଲକ୍ଷ୍ମୀ, ଭୁକ୍ତେ ଯତ୍ର ଜଗତ୍‌ପତି'*

ମା ଦକ୍ଷିଣକାଳୀ ରୋଷ କ୍ରିୟାର ତତ୍ତ୍ୱାବଧାରିଣୀ। 'ଜଗନ୍ନାଥ ଚରିତାମୃତ'ର ମତ ଅନୁଯାୟୀ ଅମହିଆ ବଳଦେବଙ୍କୁ ସମର୍ପଣ ପରେ ବଳଭଦ୍ର ସୁଭଦ୍ରାଙ୍କୁ ଓ ସୁଭଦ୍ରା ଜଗନ୍ନାଥଙ୍କ ମୁଖରେ ମହାପ୍ରସାଦ ଅର୍ପଣ କରିଥାଆନ୍ତି। ପରିଶେଷରେ ଠାକୁରମାନଙ୍କୁ ଅର୍ପିତ ପ୍ରସାଦ ବିମଳାଙ୍କୁ ସମର୍ପିତ ହେବାପରେ ତାହା 'ମହାପ୍ରସାଦ' ପଦବାଚ୍ୟ ହୋଇଥାଏ। ଏଥିପାଇଁ ବିମଳାଙ୍କୁ କୈବଲ୍ୟଭୋଜିନୀ କୁହାଯାଏ। 'ବାମଦେବ ସଂହିତା'ରେ ଅଛି;

*'କୈବଲ୍ୟ ଭୋଜିନୀ ଦେବୀ ବିମଳା ବିମଳଂ ପ୍ରଦାଂ'*

ବର୍ତ୍ତମାନ ଶ୍ରୀ ମହାପ୍ରସାଦର ମହାତ୍ମ୍ୟ ବ୍ୟକ୍ତ କରାଯାଉ। ଯେଉଁ ଜୀବ ଭକ୍ତିର ସହିତ ମହାପ୍ରସାଦ ଭକ୍ଷଣ କରେ, ସେ ପ୍ରଭୁଙ୍କ ସାନ୍ନିଧ୍ୟ ଲାଭକରେ। ଭଗବାନଙ୍କ ଠାରୁ କୈବଲ୍ୟର ମହାତ୍ମ୍ୟ ଅଧିକ ବୋଲି ପ୍ରଭୁ କହିଛନ୍ତି; 'ମତ୍‌କୈବଲ୍ୟ ମମାଧିକମ୍'। ମହାପ୍ରସାଦ ସେବନ କଲେ ସମସ୍ତ ପାପ ନଷ୍ଟ ହୋଇଯାଏ ବୋଲି 'ବାୟୁ ପୁରାଣ'ରେ କୁହାଯାଇଛି;

*'ଅତି ପାତକ ପାତାନି ମହାପାପିନୀ ତାନିଚ।*
*ତ୍ୟଣି ସର୍ବାଣି ସ୍ୟନ୍ତି ଜଗନ୍ନାଥାନ୍ନ ଭକ୍ଷଣାତ୍'।*

ଶ୍ରୀ ଜଗନ୍ନାଥ ଶବ୍ଦଟି ସ୍ୱତନ୍ତ୍ରଭାବେ ଉଚ୍ଚାରିତ ହୁଏନାହିଁ। ଏହି ଶବ୍ଦ ସ୍ପଷ୍ଟ ଭାବେ ଉଚ୍ଚାରିତ ହେବାପାଇଁ ପୂର୍ବରୁ ସ୍ୱରବର୍ଣ୍ଣ 'ଅ' ଯୁକ୍ତ ହୋଇ 'ଅନ୍ନ' ଭାବରେ ଉଚ୍ଚାରିତ ହୁଏ। କବି ସମ୍ରାଟ ଉପେନ୍ଦ୍ରଭଞ୍ଜ କହିଲେ;

*'ଭକ୍ତିଦେବା ଗୁପ୍ତ ହୋଇଛି ଯୁକ୍ତାକ୍ଷରେ।*
*ବୈଷ୍ଣବ ବିହୁନେ କେହୁ ଜାଣିବ ସଂସାରେ।'*

ମହାପ୍ରସାଦ ସେବନ ମନରେ ଭକ୍ତି ଉତ୍ପନ୍ନ

ଡା ଜ୍ୟୋତି ପ୍ରସାଦ ପଟନାୟକଙ୍କ ପ୍ରତ୍ୟକ୍ଷ୍ୟ ତତ୍ତ୍ୱାବଧାନରେ ସଂପାଦିତ ଓ ପ୍ରକାଶିତ

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଦ୍ୱିତୀୟ ବର୍ଷ
ଦଶମ-ଏକାଦଶ ସଂଖ୍ୟା
Vol: 2 Issue: 9
November-December 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
ଆହ୍ୱାନ

ହେବା ମତ 'ତନ୍ତ୍ରଯାମଳ'ରେ ମଧ୍ୟ ପ୍ରଦତ୍ତ ହୋଇଅଛି। 'ରୁଦ୍ରଯାମଳ' କୁହେ ଯେ କଳିଯୁଗରେ ଲୋକମାନଙ୍କର ପାପଧ୍ୱଂସ ପାଇଁ ମହାପ୍ରସାଦ ହିଁ ସର୍ବପ୍ରଧାନ ଉପାଦାନ। 'ସ୍କନ୍ଦପୁରାଣ'ର ମତ ଅନୁସାରେ ମହାପ୍ରଭୁଙ୍କ ପ୍ରସାଦ ସେବନ କଲେ ଅନ୍ୟ କିଛି ଭକ୍ଷଣ ନ କରିବାର ପ୍ରତିଜ୍ଞାକରି ଯେଉଁ ଲୋକ ପ୍ରତ୍ୟହ ପ୍ରଭୁଙ୍କ ସେବାକରେ, ସେହି ଲୋକ ସକଳ ପାପରୁ ମୁକ୍ତ ହୋଇ ବିଷ୍ଣୁଲୋକ ଗମନ କରେ। ମହାପ୍ରସାଦ ସେବା ଜାତିଭେଦର ସଂକୀର୍ଣ୍ଣତା ଧ୍ୱଂସ କରି ସାମ୍ୟବାଦ, ମୈତ୍ରୀ, ପ୍ରୀତି ଓ ଶାନ୍ତିର ମନ୍ତ୍ର ପ୍ରଚାରିତ କରିଥାଏ। ଆଚାଣ୍ଡାଳ ବ୍ରାହ୍ମଣ ସମସ୍ତେ ଏକତ୍ର ବସି, ଜାତି ପ୍ରଥାଭୁଲି ପରସ୍ପର ହାତରୁ ମହାପ୍ରସାଦ ପାଇ ତୃପ୍ତି ଲାଭ କରନ୍ତି ଓ କଣିକାଏ ମହାପ୍ରସାଦ ଆଦାନ ପ୍ରଦାନରେ ମୈତ୍ରୀ ବନ୍ଧନରେ ବାନ୍ଧି ହୋଇଯାଆନ୍ତି। ଯେତେବଡ ଅପରାଧୀ ହେଲେ ବି ହାତରେ ମହାପ୍ରସାଦ ଧରି କେହି ମିଥ୍ୟା କହିବାପାଇଁ ସାହସ କରେନାହିଁ। 'ପ୍ରାଣତୋଷିଣୀ' ତନ୍ତ୍ରର ମତ ଅନୁଯାୟୀ ସାର୍ଦ୍ଧତ୍ରିକୋଟି ତୀର୍ଥରେ ସ୍ନାନ ଓ ଦାନ କଲେ ଯାହା ଫଳ ନ ମିଳିବ, ଶ୍ରୀ ଜଗନ୍ନାଥଙ୍କ ମହାପ୍ରସାଦ ସେବନରେ ସେହି ଫଳ ମିଳିଥାଏ।

ପୁରୁଷୋତ୍ତମ କ୍ଷେତ୍ରରେ ତିନି ବ୍ରହ୍ମଙ୍କର ଉପସ୍ଥିତି ଉପଲବ୍ଧ ହୋଇଥାଏ। ଏଠାରେ ଶ୍ରୀ ଜଗନ୍ନାଥ ଦାରୁବ୍ରହ୍ମ, ତାଙ୍କର ନାମ ଓ ପ୍ରଶଂସା କୀର୍ତ୍ତନ ଶବ୍ଦବ୍ରହ୍ମ ଏବଂ ମହାପ୍ରସାଦ ଅନ୍ନବ୍ରହ୍ମ ଭାବରେ ସ୍ୱୀକୃତି ଲାଭ କରିଅଛି। ପରଂବ୍ରହ୍ମ ଜଗନ୍ନାଥଙ୍କ ଭଳି ଅନ୍ନବ୍ରହ୍ମ ବା ମହାପ୍ରସାଦ ଭକ୍ତି ମୁକ୍ତି ପ୍ରଦାୟକ ଅଟେ। ଏଣୁ କବି ଲେଖନୀରୁ ଝରିଆସେ-

*ବିରଞ୍ଚି ସୃଷ୍ଟିରେ ବିଚିତ୍ର କ୍ଷେତ୍ର ପୁରୁଷୋତ୍ତମ*
*ବିଚାରି ଯା ପ୍ରଭା ପାପୀଙ୍କୁ କ୍ଷମା ଦିଅଇ ଯମ।*
*ବିହାୟ ସେ ଉଡି କେତନ କରେ ଏହି ପ୍ରଚାର*
*ବାରଣ ପାଚେରୀ ଭାଙ୍ଗିବା ପାଇଁ ଆସ ଏଠାର।*
*ବିମଳା ଅର୍ପିତ ପ୍ରସାଦ ପାଇ ନିର୍ମଳ ଚିତ୍ତେ*
*ବଇକୁଣ୍ଠେ କର ଗମନ ବିଷ୍ଣୁ ପ୍ରେରିତ ରଥେ।*

ପୋଖରିଆ ସାହି, ପୁରୀ

ଉପରୋକ୍ତ ଲେଖାଟି ଶ୍ରୀ ନିର୍ମଳ ମିଶ୍ର ମହାଶୟ ଡିସେମ୍ବର ସଂସ୍କରଣ ପାଇଁ ପ୍ରେରଣ କରିଥିଲେ, ଏବଂ ଯେହେତୁ ଆମର ପତ୍ରିକାର ନଭେମ୍ବର ଓ ଡିସେମ୍ବର ମାସ ପାଇଁ କେବଳ ଗୋଟିଏ ସଂସ୍କରଣ ଉନ୍ମୋଚନ ହେଉଛି, ତେଣୁ ମହାଶୟଙ୍କ ଦୁଇଗୋଟି ଲେଖା ଚଳିତ ସଂସ୍କରଣରେ ଉପସ୍ଥାପନ କରୁଛି।


## ବିଶେଷ ସୂଚନା

ଆଗାମୀ ସଂସ୍କରଣ ଉପସ୍ଥାପନ କରିବୁ ଜାନୁଆରୀ ୨୦୦୮ରେ ଏବଂ ଏହି ସଂସ୍କରଣରେ ରହିବ ବିଗତ ବର୍ଷର ସମସ୍ତ ଘଟଣାକ୍ରମର ଲେଖା ଆଉ ବିଗତ ବର୍ଷପରି ଚଳିତ ବର୍ଷ ମଧ୍ୟ ଆମେ ଉପସ୍ଥାପନ କରିବୁ ଏକ ସଂପୂର୍ଣ୍ଣ ଓଡିଆରେ ଲିଖିତ କ୍ୟାଲେଣ୍ଡର୍। ଏହି ସମସ୍ତ ପ୍ରକାଶନରେ ବିଜ୍ଞାପନ ଦେବାକୁ ଇଚ୍ଛୁକ ବ୍ୟକ୍ତି କିମ୍ବା ବ୍ୟବସାୟିକ ସଂଗଠନ ନିମ୍ନରେ ଦିଆଯାଇଥିବା ମୂଲ୍ୟ ସୂଚୀକୁ ଦେଖି ଆମ ସହ ଯୋଗାଯୋଗ କରିପାରିବେ।

ଦ୍ୱିତୀୟ ପୃଷ୍ଠା(ପୁରା ପୃଷ୍ଠା): ୫ ହଜାର ଟଙ୍କା
ଅଧା ପୃଷ୍ଠା(ପଛ ପାଖରେ): ୨ ହଜାର ଟଙ୍କା
ପ୍ରତ୍ୟେକ ପୃଷ୍ଠାରେ ନିମ୍ନରେ ଦିଆଯାଇଥିବା ଲମ୍ବା ବିଜ୍ଞାପନ: ୧ ହଜାର ଟଙ୍କା

୨୦୦୮ ମସିହାର ବାର୍ଷିକ କ୍ୟାଲେଣ୍ଡର ଆଗାମୀ ସଂସ୍କରଣ ସହିତ ସମସ୍ତ ପାଠକ ପାଠିକାଙ୍କୁ ତଥା ଆମ ୱେବ୍‌ସାଇଟ୍‌କୁ ଆସୁଥିବା ଅସଂଖ୍ୟ ଦର୍ଶକମାନଙ୍କୁ ନି:ଶୁଳ୍କ ଯୋଗାଇ ଦିଆଯିବ। ତେଣୁ ଶୀଘ୍ର ଆମ ସହିତ ଯୋଗାଯୋଗ କରନ୍ତୁ।